
RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in
ବାସ୍ତବତାର୍ ପରିପ୍ରକାଶ
ପ୍ରାଚୀ
PRACHEE
ମାର୍ଚ୍ଚ ୨୦୧୭
ମୂଲ୍ୟ : ୨୫ ଟଙ୍କା





**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଦ୍ୱିତୀୟ ବର୍ଷର ଦ୍ୱାଦଶ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ଋଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓଁ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍‌ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-2, March 2017, Issue No. XII
RNI No. : ODIODI/2015/64435
P.R. No. : CK(C)/96/2016-2018

ପ୍ରାଚୀ ପରିବାର :
ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ
ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ପ୍ରଜ୍ଞା ପରିମିତା
ବନଲତା ସିଂହ
ଉପସ୍ଥାପନା :
ମମତା ଖଣ୍ଡାୟତରାୟ
ଡିଟିପି :
ମନୋଜ କୁମାର ଦାସ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ମୋ: ୮୯୦୮୫୫୪୯୫୬
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ
ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ
କାର୍ଯ୍ୟକାରୀ ସମ୍ପାଦିକା:
ଡକ୍ଟର ବିଦ୍ୟୁତ୍ ପ୍ରଭା ମିଶ୍ର
ପରିଚାଳନା ସମ୍ପାଦକ :
ମନୋଜ କୁମାର ବିଶ୍ୱାଳ

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ
www.pracheevoice.in ରେ
ଲଗ୍‌ଇନ୍ କରନ୍ତୁ ।

Declaration
Edited, Published & Owned by :
Dr. Bibhudatta Khandayatray
Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in

## ଏଇ ସଂଖ୍ୟାରେ...

- ମଲାଜହ୍ନ
  ଗୀତାଞ୍ଜଳି ନାୟକ ୭
- ପାଗିଳୀ
  ଦିପୁନ୍ ପୁହାଣ ୧୨
- ବାଘର ଖେଳ
  ରାମେନ୍ଦ୍ରନାଥ ବିଶ୍ୱାସ ୧୬
- ସୃଷ୍ଟିକର୍ତ୍ତା ଜଣେ ପୁରୁଷ
  ଅଶୋକ କୁମାର ସେଠୀ ୨୧
- ଗାଁ ମୁଣ୍ଡ ବରଗଛ, ପାଳଭୂତ ଓ ଅଫେରା ଅତୀତ
  ନଳିନୀପ୍ରଭା ମିଶ ୨୩

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mob. : 9124887605
9583390776


# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତା ଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । ଯଥା ସମ୍ଭବ ଚେଷ୍ଟା କରନ୍ତୁ ଲେଖାଟିକୁ ଆକୃତିରେ ଟାଇପ୍ କରି ଦିଅନ୍ତୁ ।**


**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ........................................................ ପିନ୍‌କୋର୍ଡ଼ ...............................

ମୋବାଇଲ୍ ନମ୍ବର ........................................ ଇ-ମେଲ୍ ......................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................. ତାରିଖ......................................................

ବ୍ୟାଙ୍କ୍...................................... ସ୍ଥାନ......................................................

ତାରିଖ...................................... ଦସ୍ତଖତ..................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୩୯୦୭୭୬

E-mail : pracheepatrika@rediffmail.com, Web. : www.pracheevoice.in

# ମଲାଜହ୍ନ

ଗୀତାଞ୍ଜଳି ନାୟକ

ମୁଁ ଗୋଟେ ଅତି ନିପଟ ମଫସଲ ଗାଁରେ ପଶୁ ଡାକ୍ତର ଭାବେ ଜଏନ୍ କରିବାକୁ ଯାଉଥାଏ । ବସରେ ଗଲା ବେଳକୁ ରାତି ହେଇଗଲାଣି, ପ୍ରଥମ ଜାଗା ଫୋନ୍ କରି ପିଅନକୁ କହିଥାଏ, ବସ୍‌ଷ୍ଟାଣ୍ଡକୁ ଆସିବାକୁ । ବସ୍‌ଟି ରାତି ୯ଟାରେ ବସ୍‌ଷ୍ଟାଣ୍ଡରେ ପହଞ୍ଚିଲା ଆଗରୁ ପିଅନ ଜଣକ ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିଥିଲା, ଟର୍ଚ୍ଚଟିଏ ଆଣିଥାଏ । ଟର୍ଚ୍ଚ ମାରି ମାରି ଆମେ ଦୁଇଜଣ ଚାଲିଲୁ । ଠିକ୍ ଗାଁ ମୁଣ୍ଡରେ ପହଞ୍ଚିବା ବେଳକୁ ହଠାତ୍ ପ୍ରବଳ ବର୍ଷା । ଆକାଶରୁ ହଠାତ୍ ପୂର୍ଣ୍ଣମୀର ଜହ୍ନ ଉଭେଇଗଲା । ତାରାମାନେ ବର୍ଷାର ଭୟଙ୍କର ରୂପକୁ ଦେଖି ବାଦଲ ଛାତିରେ ଲୁଚିଗଲେ । କେବଳ ଏତେ ବଡ଼ ଆକାଶଟା ସାଙ୍ଗେ ସାଙ୍ଗେ କଳା ମୁଗୁନି ପଥର ଖଣ୍ଡ ପରି ଦେଖାଗଲା । ତା ମଧ୍ୟରେ ବେଳେ ବେଳେ ବିଜୁଳି ମାରିଦେଉଥାଏ, ସତେ ଯେପରି ମୁଗୁନି ପଥର ଦୁଇଖଣ୍ଡ କିଏ ବାଡ଼େଇ ଦଉଛି । ଆଉ ସେଥିରୁ ଶବ୍ଦ ସହ ଆଲୋକ ବାହାରୁଛି । ଆମେ ଆଗକୁ ଆଗକୁ ଚାଲିଥାଉ, କାରଣ ବାଟଟି ଶରୁ ହିଡ଼ ରାସ୍ତା । ଧାନ ଆଉ ଆଖୁ ବିଲ । ଭାବୁଥାଏ ଘରଟିଏ ମିଳିଯାଆନ୍ତା କି, ଟିକିଏ ରହିଯାଇ ଆମେ ଯାଆନ୍ତୁ ଭାରି । ହିଡ଼ ରାସ୍ତାରୁ ଟିକେ ବାଟ ଆଗେଇ ଗଲୁ, ବାଟରେ ଗୋଟେ ବଡ଼ ବରଗଛ, ସତେ ଯେପରି ବୁଢ଼ା ବରଗଛଟି କେଉଁ ଦିନରୁ ଅପେକ୍ଷା କରିଥିଲା, ମତେ ଟିକେ ଆଶ୍ରା ଦେବାକୁ । କିଛି ସମୟ ପାଇଁ ତା ମୂଳେ ଟିକେ ଆଶ୍ରୟ ନେଲି । ମତେ ଏତେ ଅନ୍ଧାର ବର୍ଷାରେ ଯେମିତି ମା' କୋଳରେ ପିଲାଟି ଆଶ୍ରାନେଲେ ଲାଗେ ମତେ ସେମିତି ଲାଗୁଥାଏ । ଆକାଶକୁ ଚାହିଁଲି, ସତେ ଯେପରି କଳା ବାଦଲଟା ଜହ୍ନକୁ ଗ୍ରାସ କରି ଦେଇଛି । ଆଉ ସେଇ ଦୁଃଖରେ ଜହ୍ନ କାନ୍ଦୁଛି । ଆଉ ସେଇ ଲୁହ ବର୍ଷା ହେଇ ଧରୀତ୍ରୀକୁ ଭିଜେଇ ଦେଉଛି । ଟିକେ ବର୍ଷା ଛାଡ଼ିଲା । ଆମେ ପୁଣି ଚାଲିଲୁ, ଲୋକଟି ବାଟରେ କହିଲା ବାବୁ ସେ ଗଛମୂଳେ କେହି ବର୍ଷାରେ ଠିଆ ହୁଅନ୍ତି ନାହିଁ, କି ଖରାରେ ଛାଇରେ ଟିକେ କେହି ବସି ପଡ଼ନ୍ତିନି । ମୁଁ ପଚାରିଲି କାହିଁକି ? ସେ କହିଲା, ସେ ଗଛମୂଳେ ଗୋଟେ ପାଗେଳି ସବୁବେଳେ ବସିଥାଏ । ଆଉ ମୋ ପିଲା, ମୋ ପିଲା କହି କାନ୍ଦୁଥାଏ । ଶେଷରେ ଦିନେ ଦେଖିଲା ବେଳକୁ ସେଇ ଗଛମୂଳେ ମରି ପଡ଼ିଛି । ସେହିଦିନ ଠାରୁ ଭୟରେ ଏ ଗଛମୂଳକୁ କେହି ଆସନ୍ତିନି, ଆଉ ସମସ୍ତେ କହନ୍ତି ଏବେବି ବହୁତ ରାତି ହେଲେ ସେ କାନ୍ଦି, କାନ୍ଦି ତା ଛୁଆକୁ ଖୋଜେ । ଆଉ ଗଛରୁ କାନ୍ଦଣା ଶୁଭେ, ଆମେ କଥା ହେଉ ହେଉ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ଗଲୁ ।

ରାତି ବହୁତ ପରି ଲାଗୁଥାଏ । ଲୋକଟି ଗଲା ତା' ଘରୁ ଖାଇବାକୁ ନେଇ ଆସିଲା । ମୁଁ ଖାଇଦେଇ ଶୋଇ ପଡ଼ିଲି । ନୂଆ ଜାଗା ନିଦ ଏତେ ଭଲ ଲାଗୁନଥାଏ । ତଥାପି ଏପଟ, ସେପଟ ହେଇ ରାତି ପାହିଗଲା । ମୁଁ ନିତ୍ୟକର୍ମ ସାରି ବାହାରି ପଡ଼ିଲି ମୋ କର୍ମ କ୍ଷେତ୍ରକୁ । ସେଇ ଗଛ ଦେଇ ମୋର ପଶୁ ଡାକ୍ତର ଖାନାକୁ ଯାଏ । ହେଲେ କେହି ଦିନେ ସେ ଗଛମୂଳେ ବସିପଡ଼ିବା କେବେବି ଦେଖିନି । ଦିନେ ହଠାତ୍ ବୁଢ଼ାଟିଏ ବସି ମନକୁମନ କ'ଣ ସବୁ ଗଛକୁ କହି ଯାଉଛି । ମୁଁ ଚାଲିଗଲି, ଆଉ କେତେଦିନ ପରେ ପୁଣି ଦେଖିଲି ସେଇ ବୁଢ଼ାଟି ବସିଛି, ତା'ର କୋରଡ଼ ଆଖିରୁ ବୋହି ଯାଉଛି ଲୁହ ଧାର ଧାର, ମଇଳା ଛିଣ୍ଡା ଗାମୁଛାରେ ଲୁହ ପୋଛୁଚି । ଟିକେ ଠିଆ ହେଲି, ସମସ୍ତେ ଡରୁଥିବା ଗଛକୁ ଏତେ ରୁଗ୍‌ଣ ବୁଢ଼ା ଏଠି କାହିଁକି ବସିଛି ? ଆଉ ଗଛକୁ ଚାହିଁ କ'ଣ ଗପେ ? ଆଜି କାହିଁକି ବସିଛି, ଆଉ କିଛି ନ ଗପି ଆଉ କିଛି ନ କହି ଖାଲି କାହିଁକି କାନ୍ଦୁଛି ? ବୁଢ଼ା ପାଖକୁ ଗଲି, ବୁଢ଼ାର ହାଡ଼ ଆଉ ଧୁଡ୍, ଧୁଡ୍ ଚମଡ଼ା, ମାଂସ ଶରୀରରେ ଖୋଜିବାକୁ ପଡ଼ିବ । ଯେତେ ଲୁହ ସେ ଗାମୁଛାରେ ପୋଛିଚି ସେତିକି ରକ୍ତ ତା ଦେହରେ ନଥିବ ବୋଧେ । ବୁଢ଼ାର ପିଠିରେ ହାତ ବୁଲାଇ ଆଉଁସି ଦେଲି, ପଚାରିଲି ।

ମଉସା ଏକୁଟିଆ ଏ ଗଛମୂଳେ କାହିଁକି କାନ୍ଦୁଛ ? ଯୋଉ ଗଛମୂଳକୁ କେହିବି ଆସନ୍ତିନି ସେ ଗଛମୂଳେ

ତୁମେ କ'ଣ କହି ଗପୁଛ ? ବୁଢ଼ା ଜାହା କହିଲା, ମୋ ଲୋମ ଟାଙ୍କୁରି ଉଠିଲା । ଭୟ ଆଉ ଯନ୍ତ୍ରଣାରେ ସତେ ଯେପରି ମୋ ଶରୀରରୁ ଶରୀର ଥାଇ ମାଂସ ସବୁ ଝରିପଡୁଛି । କାହିଁକି ବୁଢ଼ାର କଥା ସବୁ ମୋ ହୃଦୟକୁ କ୍ଷତ ବିକ୍ଷତ କରିଦେଉଛି । ତଥାପି କଷ୍ଟ ଭିତରେ ମୁଁ ବୁଢ଼ାର କଥା ଶୁଣିଲି, ବୁଢ଼ା କହିଲା ।

କେତେ ଥର ଆତ୍ମହତ୍ୟା କରିବାକୁ ଇଛା କରିଛି । ହେଲେ କାହାର ରାଣ ଆଜି ଜଞ୍ଜିର ଭଳି ପାଦରେ ବେଢ଼ି ପକେଇଛି, ମରିପାରୁନି କି ବଞ୍ôି ପାରୁନି । ପୁଅ ବୋହୁଙ୍କ ଅତ୍ୟାଚାର ସହିହଉନି । ବୋହୁ ଚାରିଦିନର ଭାତ ସାଙ୍ଗରେ ଖଟା ଦେଇଥାଏ । ଭୋକ ବିକଳରେ ସେଥିରୁ ପେଟେ ଖାଇ ଦେଲି, ହେଲେ ପଖାଳ ଗୁଡ଼ାକ ବାନ୍ତି ହେଇଗଲା । କାହିଁକିନା ଏତେ ଦିନର ବାସୀ ଭାତକୁ ମୋ ବୟସ ହଜମ କରି ପାରିଲାନି । ବୋହୁ ପୁଅକୁ କହିଲା, ବୁଢ଼ା ଖାଇ, ଖାଇ ଘରଦ୍ୱାର ବାନ୍ତିକରି ଭସାଉଛି । ପୁଅ ଦୁଇଦିନ ହେବ ଖାଇବା ବନ୍ଦ କରିଦେଇଛି । ପେଟରେ ଭୋକର କଷ୍ଟ, ସେପଟେ ମାଗିଲେ କି କାମ କଲେ ପୁଅବୋହୂଙ୍କର ମାନସମ୍ମାନ ଉପରେ ଆଞ୍ଚ ଆସିବ, ପୁଣି ଲୋକଲଜ୍ୟାକୁ ଡରି, କର୍ମକୁ ଆଦରି କାନ୍ଦୁଛି । ଆଉ ଗୋଟେ ପଟେ କାହାର ରାଣ, କେବେବି ମଉସା ମୋ ରାଣ ଆତ୍ମହତ୍ୟା କରିବନି । ମତେ ରାଣ ଦେଇ ସେ ଆତ୍ମହତ୍ୟା କଲା, ହେଲେ ମୁଁ ମରିପାରୁନି । ସେ କିଏ ମଉସା ?

ସେ ଗୋଟିଏ ମଲାଜହ୍ନ, ଏଇ ଗାଁର ଝିଅଟିଏ । ମା ଜନ୍ମକରି ଆରପାରିକୁ ଚାଲିଗଲା । ବାପ ଆଉ ଗୋଟେ ବାହା ହେଇ ତା ପାଇଁ ସାବତ ମା'ଟିଏ ନେଇ ଆସିଲା । ତାକୁ ବହୁତ କଷ୍ଟ ଦିଏ, ପାଠ ପଢ଼ାତ ଦୂରର କଥା ଦୁଇଓଳି ଖାଇବା ମିଳିବା କଷ୍ଟକର । ଆଉ ସାରାଦିନ କାମ କରାଏ, ତା ପରେ ଟିକିଏ କାମରେ ଏପଟ୍ ସେପଟ୍ ହେଲେ, ସୋଦା, ମାଡ଼-ଗାଳିରେ ତା ପେଟ ପୁରିଯାଏ । ଖାଇବା ସେଦିନ ବନ୍ଦ ହେଇଯାଏ । ଗୁହାଳ, ଗୋବରଠୁ ଆରମ୍ଭ କରି, ବିଲ ବାଡ଼ିରେ ବି କାମ କରାଇବାକୁ ତାକୁ ଟିକେ ଖରାପ ଲାଗେନି । ସେଇଥିରେ ବି ଜହ୍ନ ସବୁବେଳେ ଯେମିତି ହସ, ଖୁସି କୋଉ ଗଛରୁ ତୋଳି ସମସ୍ତଙ୍କୁ ବାଣ୍ଟୁଥାଏ । କହାର ଜର, ରୋଗ ହେଲେ ଜହ୍ନକୁ ନିଦ ଆସେନି, କାହା ପୁଅ ପଡ଼ି ଖଣ୍ଡିଆ, ଖାବରା ହେଲେ ସାଙ୍ଗେ ସାଙ୍ଗେ ଡାକ୍ତର ଖାନା ନେଇ ଯାଏ, ଆଉ କାହା ବୋହୂର ପିଲା ପିଲି ହେଲେ ଡାକିଲେ ତାଙ୍କ ସାଙ୍ଗରେ ଡାକ୍ତରଖାନା ଖୁସି ମନରେ ଯାଇ ସେବାକରେ । ଯିଏ ଯୋଉ କାମ ବୋଲ କହିଲେ ଭାଙ୍ଗି ପାରେନା । ସମସ୍ତେ ସବୁବେଳେ ଖୋଜୁଥାନ୍ତି । ଆଉ ବୁଢ଼ା ବୁଢ଼ୀଙ୍କର ତ ସେ ଠିକ୍ ମା' ପରି । ତା ହାତରେ ଜାଦୁଥାଏ । ଖାଲି ଆଉଁସି ଦେଲେ ସବୁ ରୋଗ, ଦୁଃଖ ଯେମିତି ଉଭେଇ ଯାଏ । ନାଁ ତା'ର ଜହ୍ନ, ହେଲେ ଜହ୍ନ ଠାରୁ ୧୦୦ଗୁଣ ସୁନ୍ଦର । ଆଉ ଜହ୍ନ ପରି ଶୀତଳଛାୟା ସମସ୍ତଙ୍କୁ ବାଣ୍ଟୁଥାଏ । ଆଉ ତା ଆଲୋକରେ ଆମ ଗାଁକୁ କେବେ ଅନ୍ଧାର ମାଡ଼ିପାରେ ନାହିଁ । ଦିନକର ଘଟଣା....

ବିଲରୁ କାମ ସାରି ଫେରୁ ଫେରୁ ସନ୍ଧ୍ୟା ହେଇଗଲା । ମୁହଁ ଦେଖା ଯାଉ ନଥାଏ, ଗାଁର ମୁଖିଆ ତାଙ୍କ ପୁଅ କୋଉଠି ଛକି ଥିଲା । ସେ ଥିଲା ନଷ୍ଟ ଚରିତ୍ରର ପିଲା, ଏହି ସୁଯୋଗ ନେଇ କେହି ନଥିବା ଦେଖି ଚନ୍ଦ୍ରକୁ ରାହୁ ଗ୍ରାସ କଲା ପରି ତାର ସବୁକିଛି ଲୁଟିନେଲା । ତା' ନାରୀ ସତ୍ତାକୁ ଦଳି, ଚକଟି ଦେଲା, ସେ ରାକ୍ଷସ ଜହ୍ନର ସ୍ୱପ୍ନ ଦେଖିବା ପୂର୍ବରୁ ତା'ର ନିଦ ଭାଙ୍ଗିଗଲା । ଆସି କଇଁ କଇଁ ହେଇ କାନ୍ଦି କାନ୍ଦି ସମସ୍ତଙ୍କୁ ସବୁ କହିଲା, ସମସ୍ତେ ଶୁଣି ଫେରୁଥାନ୍ତି । ଆଉ ପଛରେ କହୁଥାନ୍ତି କାଇଁ ଆଉ କାହା ସାଙ୍ଗରେ ତ ଏମିତି ହେଉନି, ଯାର ମା' ନାହିଁତ ? ବଡ଼ଲୋକ ଦେଖି ଫସଉଛି । ଏତେ କାନ୍ଦ କେବେ ମା' ମରିବା ପରଠୁ କାନ୍ଦି ନଥିଲା । ଏତେ କଷ୍ଟରେ ବି ସବୁବେଳେ ହସୁଥାଏ । ସେଥିରେ ସାବତ ମା'ର ନାହିଁ ନଥିବା ଅକଥନୀୟ ବ୍ୟବହାର । ମା' ଘରୁ ବାହାର କରିଦେଲା । ବାଧ ହୋଇ ସେ ରାକ୍ଷସ ପାଖକୁ ଆସିଲା , ପୁଅଟି ଅପେକ୍ଷା ତା ବାପା ଟିକେ ଥିଲେ ବିଚାରବନ୍ତ । ତେଣୁ ପୁଅର ଏହି ଅମାନୁସିକ କାର୍ଯ୍ୟକୁ ପ୍ରତିବାଦ କିର ପାପର ପ୍ରାୟଶ୍ଚିତ ସ୍ୱରୂପ ତାକୁ ବୋହୂ ଭାବରେ ଗ୍ରହଣ କଲେ । ସେ ନପୁଂସକ ବାହା ହେଇ ଗଲା, ଦୁଇଟି ପୁଅ ଦୁଇ ବର୍ଷ ଅନ୍ତରରେ ହେଇଗଲା, ହେଲେ ସେ ପାପି ସବୁବେଳେ ଜହ୍ନକୁ ସନ୍ଦେହ ଚକ୍ଷୁରେ ଦେଖେ । ସେ ଭାବେ ମୁଁ ଯେମିତି ସମସ୍ତେ ସେମିତି, ସବୁ ପୁରୁଷ ତା ଦୃଷ୍ଟିରେ ନଷ୍ଟ ଚରିତ୍ରର, ଜହ୍ନ କାହା ସାଙ୍ଗରେ କଥା ହେଲେ କି

ଏମିତି ଘରକୁ କୌଣସି ବିକା ଆସିଲେ କି ଜହ୍ନ କ'ଣ ଜିନିଷ ବିକାଳିଙ୍କ ଠାରୁ କିଣିଲେ, ସେ ନିସ୍ତୁକ ମାଡ଼ ପିଟି ଦେଇଯାଏ । ବିନା ଦୋଷରେ ସେ ଆଖିରୁ ଲୁହ ତକ ଘରେ ଝରେଇ ଦେଇ, ପୋଛି ହୋଇ ବାହାରକୁ ସମସ୍ତଙ୍କ ସାମ୍‌ନାରେ ହୃଦୟ ଖୋଲା ହସ ହସୁଥାଏ । କେହି ଜାଣନ୍ତିନି, ଥରେ ମୋର ପ୍ରବଳ କାଶ ହେଉଥାଏ, ପୁଅ ବୋହୂଙ୍କର ନିଦରେ ଭାରି ବ୍ୟାଘାତ ସୃଷ୍ଟି କଲା । ମୋ ପୁଅ ବୋହୂ ଶୋଇ ପାରିଲେନି, ପୁଅ ବାରମ୍ବାର ଗାଳିଦେଉଥାଏ । ହେଲେ ମୁଁ ଯିବି କୁଆଡ଼େ ? ଶେଷରେ ବୋହୂ ଉଠେଇ ଧକ୍କା ଦେଇ କବାଟ ବନ୍ଦ କରିଦେଲା । ମୁଁ ଆସି ଜମିଦାର ଘରେ ଦାଣ୍ଡରେ ବାରଣ୍ଡାରେ ଶୋଇଲି । ଝିଅଟିର କାନ୍ଦଣା ଘରୁ ଶୁଭୁଥାଏ । କୋହ ଉଠେଇ କାନ୍ଦୁଥାଏ । ଇଏ ନିଶ୍ଚେ ଜହ୍ନର କାନ୍ଦଣା । ସେ ତ ବାପଘରେ ଏତେ କଷ୍ଟ ପାଉଥିଲା । ସମସ୍ତେ କୁହନ୍ତି ତା'ର ଭାଗ୍ୟର ପରିବର୍ତ୍ତନ ହେଇଗଲା । ଦୁଇଟି ସୁନ୍ଦର ପୁଅ, ଖାଇବା, ପିନ୍ଧିବା କିଛି ଅଭାବ ନାହିଁ । ଚାକର, ବାକର ତା'ର କ'ଣ ଅଭାବ ? କ'ଣ ବା ଦୁଃଖ ଅଛି ? ମୁଁ ମନେ ମନେ ଭାବିଲି, କାଶି କାଶି ପାହାନ୍ତା ବେଳକୁ ଟିକେ ନିଦ ଲାଗିଗଲା । ଜହ୍ନ ଘର ଦୁଆର ଝାଡୁ କଲା ବେଳେ ଦେଖିଲା, ଦାଣ୍ଡ ପିଣ୍ଡାରେ ତମେ ଏ ଶୀତରେ ଶୋଇଛ ? ମୁଁ ତାକୁ ଦେଖି ଲୁହକୁ ଅଟକେଇ ରଖି ପାରିଲିନି, ଅମାନିଆ ଲୁହତକ ବୋହିଗଲା, ମୁଁ ତାକୁ ମୋର ସବୁତକ ଦୁଃଖ ନ କହି ରହି ପାରିଲିନି । ଆଉ ଏତେ ଦୁଃଖରେ ବଞ୍ଚିବିନି ବୋଲି କହିଲି, ମୁଁ ଆତ୍ମହତ୍ୟା କରିଦେବି, ସେ ମୋତେ ରାଣ ଦେଇ ଆତ୍ମହତ୍ୟା ନ କରବାକୁ ବୁଝେଇଲା । କହିଲା ମୁଁ ପୁଣି ଜନ୍ମରୁ ତ ଏତେ ଦୁଃଖି । ଏତେ କଷ୍ଟ ମୁଁ ପାଉଛି, ଆଉ ତୁମେ କହୁଚ ଆତ୍ମହତ୍ୟା କରିବ ? ମୋ କଥା ଭାବିଲ, ମୁଁ ଛୋଟ ବେଳୁ କ'ଣ ପାଇଛି ? ଆଉ ଦୁଃଖ ସବୁ କହିଲା, ସବୁଦିନ ସନ୍ଦେହରେ ମାଡ଼ ଦେଇ ଗୋଡ଼, ପିଠି ସିଝିଗଲାଣି । ଏଇ ଛୁଆ ଦି'ଟା ପାଇଁ ବଞ୍ଚିଛି, ମଉସା କେବେ ଆତ୍ମହତ୍ୟାର ନାଁ ଧରିବନି, ଖାଇବାକୁ ଦେଇ ଔଷଧ ଦେଲା । ମୁଁ ସେଦିନ ତା ଜୀବନର ସବୁ ପୃଷ୍ଠା ପଢ଼ିଲା ପରେ ଜାଣିଲି ଯେ ଯେଉଁଠିକୁ ଗଲେ ସାଥିରେ କେହି ନଗଲେ ଭାଗ୍ୟ ତାର ସବୁକାମ ଛାଡ଼ି ଧଇଁ ସଇଁ ହେଇ ପଛରେ ଗୋଡେଇ ଥାଏ । ସେ ଦିନଠାରୁ ଆମେ ଦୁଃଖ ଆଦାନ,ପ୍ରଦାନ କଲୁ । ଭାଗ୍ୟକୁ ନିନ୍ଦା କରିବା ଭୁଲି, ତାର ଦୁଃଖ କୁ ମୁଁ ସାନ୍ତ୍ୱନା ଦିଏ, ଆଉ ସେ ମୋ ଦୁଃଖକୁ ଆପଣେଇ ନିଏ । ଏମିତି ଦୁଇ ଦୁଃଖି କେତେ ଦିନ ଚଳିଗଲୁ । ମୋତେ ଭୀଷଣ ଜର ହେଲା, ମୁଁ କେତେଦିନ ହେବ ଯାଇନଥାଏ । ଶୁଣିବାକୁ ପାଇଲି ଗାଁକୁ ପାଟରା ଆସିଥାଏ । ସେ ସାବିତ୍ରୀ ପାଇଁ ଚୁଡ଼ି କିଣିବ ବୋଲି ଚୁଡ଼ି ବାଲାକୁ ଡାକି ଚୁଡ଼ି କିଣିଲା । ଚୁଡ଼ିବାଲା ସାଙ୍ଗରେ ସେ ନୃସଂଶ ମିଛ, ସତ ଯୋଡ଼ି କହି ଗାଳି, ମାଡ଼ ଦେଇ ପ୍ରବଳ ପିଟିଲା । ପିଟି ପିଟି ଘରୁ ବାହାର କରିଦେଲା । ସେ ପଶୁଟା ତାକୁ ଏତେ ପିଟିଥାଏ ଯେ କୌଣସି ଜାଗା ତା'ର ଖାଲି ରଖିନଥାଏ । ବିକଳରେ ମନ୍ଦିର ଚଉତରାରେ ଛଟପଟ ହେଉଥାଏ । ହରିଆ ଗଉଡ଼ ସୁରଟରେ କାମକରେ, ଗାଁ କୁ ଏଇ କେତେଦିନ ହେବ ଆସିଥାଏ । ଯେତେ ପଇସା ଆଣିଥାଏ ସବୁ ମଦପାଣିରେ ଉଡ଼େଇ ଦେଇ ପୁଣି ଖଟିବାକୁ ପଳାଏ । ମଦପିଇ ଗାନା ଗାଇ ଆସୁଥାଏ, ତା ଆଖି ମନ୍ଦିର ଉପରେ ପଡ଼ିଲା, ଜହ୍ନକୁ ଦେଖି ଆଗକୁ ପଛକୁ ବିଚାର ନ କରି ଚିଲପରି ଝାମ୍ପ ମାରିଲା, ତା ପଞ୍ଝାରୁ ଜହ୍ନ କି ଆଉ ମୁକୁଳି ପାରେ, ଗଲାବେଳେ ୫୦୦ଟଙ୍କିଆ ଟେ ହାତରେ ଧରେଇ ଦେଇ ଚାଲିଗଲା ।

ତା ପରେ ସେ ସେହି ଟଙ୍କାରେ ମିଠା ଆଉ ବିଷ କିଣି ଘରକୁ ଫେରିଲା । ପିଲାମାନଙ୍କୁ କହିଲା ଆଜି ମୋ ନିଜ ରୋଜଗାରରେ ତମପାଇଁ କିଣିକି ଆଣିଛି, ଆସ ଖାଇବ । ସମସ୍ତେ ତା ଅଜବ ବ୍ୟବହାରରେ ତା ମୁହଁକୁ ଖାଲି ଚାହିଁଥାନ୍ତି । ଦୁଇ ପୁଅଙ୍କୁ ବିଷ ମିଶା ମିଠା ଖୋଇ ଦେଲା । ଆଉ ସବୁଯାକ ମିଠା, ବିଷ ନିଜେ ଖାଇଦେଲା । ବିଷ ଜ୍ୱାଳାରେ ବିକଳ-ଆକୁଳ ହେଲା । ସାନ ପୁଅଟି ସାଙ୍ଗେ ସାଙ୍ଗେ ମରିଗଲା, ବଡ଼ ପୁଅ ଆଉ ଜହ୍ନକୁ ଡାକ୍ତର ଖାନା ନେଲେ । ବିଷ ବାହାର କରିବା ପରେ ଜହ୍ନ କାନ୍ଦିକି ପୁଅ, ପୁଅ ହେଲା । ସେତେବେଳେକୁ ସେ ପାଗେଳି ହେଇ ଡାକ୍ତର, ନର୍ସ ସମସ୍ତଙ୍କୁ କାମୁଡ଼ିବାକୁ ଗୋଡ଼ଉଛି, ବଡ଼ ପୁଅ ଟିକେ, ଟିକେ ଶୁକୁ ଶୁକୁ ହେଉଥାଏ । ମଲା କି ବଞ୍ଚିଲା କିଛି ଜଣାନାହିଁ । ଡାକ୍ତର ଖାନାର ଲୋକେ ଜହ୍ନକୁ ଆଣି ଗାଁ ମୁଣ୍ଡରେ ଏଇ ଗଛମୂଳରେ ଛାଡ଼ି ଦେଇଗଲେ । ଆଉ ଏଇ ଗଛମୂଳ ତାର ଆଶ୍ରୟ । କାନ୍ଦେ, ବାହୁନେ ହେଲେ

କେହି ଟିକେ ଆହା କରିନ୍ତିନି । ସେ ଏତେ ଲୋକଙ୍କର ଏତେ ଉପକାର କରିଛି, ଥରଟେ କେହି ମନେ ପକେଇଲେନି, କିନ୍ତୁ ସମସ୍ତେ ଗୋଟେ ମୂହୂର୍ତ୍ତରେ ଭୁଲିଗଲେ ।

ଆଉ ସେ ଦିନ ଠାରୁ ତାକୁ ଅଶୁଭ ମଲାଜହ୍ନ ବୋଲି କହିଲେ । ସମସ୍ତେ ଯିବା ବାଟରେ ସେତକ ବାଟ ଆଖିବୁଜି ଯାଆନ୍ତି । ଜହ୍ନକୁ ଆକାଶ ରେ ରାତିରେ ଦେଖି କିଏ ଗୀତ ଗାଇ ଛୁଆଙ୍କୁ ସୁଆଏ ତ, ଆଉ କୋଉ କବି ଜହ୍ନକୁ ନେଇ କେତେ କବିତା ଲେଖନ୍ତି । ପୁଣି ଜହ୍ନ ସାଙ୍ଗରେ କିଏ କାହାର ପ୍ରେମିକାର ରୂପକୁ ମାପେ, ବାଟୋଇ ଟିର ପଥ ଦେଖେଇ ଥାଏ । ତାର ଅନ୍ଧକାର ଦୂରେଇ ଦେଇଥାଏ, କିନ୍ତୁ ସକାଳ ହେଲେ ଦିନବେଳା କିଏ ଯଦି ଅକସ୍ମାତ ଚନ୍ଦ୍ରଙ୍କୁ ଦେଖିଦେଲେ ସମସ୍ତେ କହନ୍ତି ଏହେ ଆଜିଦିନଟା ଭାରି ଅଶୁଭ । ମଲାଜହ୍ନ ଦେଖିଲି, ଦିନଟାରେ ଯାହା ଅଘଟଣ ଘଟିଲେ ସେଇ ରାତିର ଆଲୋକ ଜହ୍ନ ଦିନରେ ଅଶୁଭ ମଲାଜହ୍ନ ହେଇଯାଏ । ଏଇ ହତଭାଗିନୀ ଜହ୍ନର ଅବସ୍ଥା ଠିକ୍ ସେମିତି, ତାର ଦୁଃଖ, ବିପତି ସମୟରେ ଆଜି ମଲାଜହ୍ନ ହେଇ ଯାଇଛି । ସେଇ ଜହ୍ନର ସତ୍ତା ହଜି ଯାଇଛି, ଖରା, ବର୍ଷା ଶୀତ ତାର ଏଇ ଗଛମୂଳ ହେଲା ସାହାରା । ଖରାଦିନେ ସେମିତି ଗଛମୂଳେ ତତଲା ପବନରେ ପୁଅମାନଙ୍କୁ ଖୋଜି, ଖୋଜି ଲୁହ ନିଗାଡୁଥାଏ । ଆଉ ବର୍ଷାରେ ଛିଣ୍ଡା ଜରିଟିଏ ମୁଣ୍ଡରେ ପୁରାଇ ଆକୁଳ ନୟନରେ ଚାହିଁଥାଏ । କାଳେ ମୋ ପୁଅ ଦୁଇଜଣ ମିଳି ଯିବେ କି ? ଆଉ ଶୀତରେ ବରଡ଼ା ପତ୍ର ପରି ଏଇ ଗଛମୂଳେ ଥରୁଥାଏ । ଆଖି ବୁଜିଦେଲେ କାଳେ ମୋ ପୁଅମାନେ ଆଖିବୁଜିବା ସମୟରେ ସେଇବାଟ ଦେଇ ପଳେଇବେ । ମୁଁ ଦେଖିପାରିବିନି, ସେଥିପାଇଁ ଅପଲକ ନୟନରେ ଚାହିଁଥାଏ । ଦିନେ ବିଚରା ହତଭାଗିନୀଟିର ଆଖି ପତା ସବୁଦିନ ପାଇଁ ବନ୍ଦ ହେଇଗଲା । ଭାଗ୍ୟଦେବୀ ଦୁଃଖ ଦେବାରେ ଟିକେ ବି ଅଭାବ କରି ନଥିଲ । ତାର ମରିବା ଦେଖି ଭାଗ୍ୟଦେବୀ ଠୋ, ଠୋ ହେଇ ହସୁଥାନ୍ତି, ସେ ଆଜି ଜିତି ଯାଇଛନ୍ତି ।

ସେହିଦିନୁ ଏ ଗଛକୁ ମୁଁ ମୋର ଝିଅ, ଜହ୍ନ ବୋଲି ଭାବେ । ଏବେବି ମୋର କେହିଜଣେ ଅଛି, ମୁଁ ପଚାରିଲି ମଉସା ଆଉ ସେ ଦୁଇ ରାକ୍ଷସ । ସେ କହିଲେ ସେ ଦୁଇଜଣ ଏଇ ଗାଁରେ, ହରିଆ ଗଉଡ଼ କୁଡ଼ିଆ କରି ଅଛି । ତାକୁ ଏଡସ୍ ହେଇଯାଇଛି । ସେଥିପାଇଁ ଗାଁ ରୁ ନିଆଁ, ପାଣି ବାଛନ୍ଦ କରି ଗାଁରେ ରଖିଲେନି, ସେଥିପାଇଁ ଗାଁ ଶେଷ ମୁଣ୍ଡରେ ଥିବା ମଶାଣିରେ କୁଡ଼ିଆ କରି ରହିଛି । ଏଇ ପ୍ରକୃତି ଯୋଗୁଁ କେହି ତାକୁ ଝିଅ ଦେଇ ନାହାନ୍ତି । ମୁଁ ପଚାରିଲି ଆଉ ପାପି ଟି କୁଆଡ଼େ ଗଲା ? ମଉସା କହିଲେ ତାକୁ ଧର୍ମ ସହିଲାନି, ଚନ୍ଦ୍ରମା ଦେହରେ କଳଙ୍କ ଲଗେଇ ଥିବା ପାପରେ ଘାଣ୍ଟି ହେଇଗଲା, ତା ମୁଣ୍ଡରେ ଘା ହେଲା । ସେ ଘା ସୁଖିଲାନି, ଡାକ୍ତର କହିଲେ କ୍ୟାନ୍ସର ହେଇଛି । ସବୁ ଧିରେ ଧିରେ ବିକି ତାର ଚିକିତ୍ସା କରିଲା । ଜମିବାଡ଼ି ବିକ୍ରି ହେଇଗଲା, ସତ କିନ୍ତୁ ରୋଗ ବଢ଼ିବାରେ ଲାଗିଲା । ଏମିତି ହେଲା ଯେ ଚାକର, ବାକର କେହି ଦୁର୍ଗନ୍ଧରେ ପଶି ପାରିଲେନି । ସେବା କରିବା ତ ଦୂରର କଥା । ସହରକୁ ଚାଲି ଆସିଲା, ଡାକ୍ତର ଖାନାରେ ଭର୍ତ୍ତି ହେଲା । ହେଲେ ସେତେବେଳକୁ ତା ମୁଣ୍ଡରେ ପୋକ ସାଲୁ ସାଲୁ ହେଉଥାନ୍ତି, କୌଣସି ଡାକ୍ତର ଖାନା ତାକୁ ରଖିଲେନି । ଏବେ ରାସ୍ତାରେ ପୋକ ମୁଣ୍ଡକୁ ଧରି ବୁଲୁଛି । ଏତେବଡ଼ ପାପିକୁ ଯମ ନବାକୁ ଘୃଣା କରୁଛି । ଦୁଇ ପାପି ମଲାପରି ବଞ୍ଚିଛନ୍ତି, ସେମାନଙ୍କର ଧନବଳ, ବାହୁବଳ ସବୁ ଆଜି ଅକାମି । କେବଳ ଭଗବାନଙ୍କର ନ୍ୟାୟବଳ ସମସ୍ତେ ଦେଖୁଛନ୍ତି । ଜହ୍ନ କୁ ଅବେଳରେ ମରିବାକୁ ପଡ଼ିଲା, ସେମାନେ ବଞ୍ଚିଛନ୍ତି, ମଲାଲୋକଙ୍କ ମଶାଣିରେ ।

ପୁରୁଷ ଭଗବାନଙ୍କ ଶ୍ରେଷ୍ଠ ପ୍ରାଣୀଙ୍କ ମଧ୍ୟରୁ ଜଣେ, କେବଳ ଭଗବାନ ମନୁଷ୍ୟକୁ ବିବେକ, ବୁଦ୍ଧି, ଚିନ୍ତାଶକ୍ତି, ଭାବନାଶକ୍ତି ଆଉ ଚେତନା ଶକ୍ତି ଦେଇ ଜନ୍ମ ଦେଇଥାନ୍ତି । ତାହା ଅନ୍ୟ କୋଉ ପ୍ରାଣୀଙ୍କ ପାଖରେ ଦେଖା ଯାଇ ନଥାଏ । ତୁମ ଦୁଇ ଜଣଙ୍କ ପାଖରେ ଏଥିରୁ କୋଉ ଗୁଣ ତ ନାହିଁ, ତେବେ ତୁମେ ତ ମଣିଷ ନୁହେଁ, ତା ହେଲେ ତୁମେ କେଉଁ ପଶୁ ? ଶ୍ୱାନ, ଶୃଗାଳ ନା ମାର୍ଜାର ? ବିଚ୍ ରାସ୍ତାରେ ପଶୁ ପରି ନିଜର ପୁରୁଷତ୍ୱକୁ ଜାହିର କରୁଛ । ମନୁଷ୍ୟ ହେଇଥିଲେ ତୁମ ପାଖରୁ ଲଜ୍ୟା ଗଲା କୁଆଡ଼େ ? ତୁମେ ପୁରୁଷ ନା ନପୁଂସକ ? ତୁମେ ଜଦି ପୁରୁଷ ହେଇଥାନ୍ତ ତୁମ ପାଦ ତଳକୁ ଲକ୍ଷେଝିଅ ଆସନ୍ତେ । ତମେ ସତରେ ଏତେ ଅଯୋଗ୍ୟ,

କାହାର ଅନିଚ୍ଛା ସତ୍ତ୍ୱେ ତାର ସର୍ବସ୍ୱ ଲୁଟି ନେଇ ଲୁଟେରା ଧୋକାବାଜ୍ ନିଜକୁ ସଜଉଛ ।

ନାରୀଟିକୁ ଛୁଇଁବା ବେଳେ ତୁମର ମନେ ପଡୁନି ତୁମ ମା କଥା, ଯିଏ ଛୁଇଁ ଦେଲେ ନିଦ ଆସିଯାଏ । ଯାହାର ପଣତରେ ମୁ ହଁ ପୋଛି ଦେଲେ ସବୁ କଳଙ୍କର ଦାଗ ଲିଭିଯାଏ । ନାରୀ କେବଳ ସୃଷ୍ଟି କରିପାରେ ହେଲେ ତମମାନଙ୍କ ପରି କେତେକ ପୁରୁଷ ଆଜି ନାରୀକୁ ସୃଷ୍ଟିର ବିନାସ କାରିଣୀ ମୁକୁଟ ପିନ୍ଧେଇ ଦଉଛି । ନିଜକୁ ପଚାରିଲ ମତେ ଜନ୍ମ ଦେଇଥିବା ମା କ'ଣ ଗୋଟେ ବିଷ ପୁରୁଷକୁ ଜନ୍ମ ଦେଇଛି ? ଥରଟେ ତୁମ ଚେତନା ଶକ୍ତିକୁ ଯାଗ୍ରତ କରି ଦେଖ, ମୋ ମା'ର ବିନା ଦୋଷରେ ଅପମାନ ନ ହେଉ, ମୋ ମା ଗୋଟେ ବିଷ ପୁରୁଷ ନୁହେଁ । ଗୋଟେ ଅମୃତ ସନ୍ତାନ କୁ ଜନ୍ମ ଦେଇଛି । ମୁଁ ଏଇ ଛୋଟ କର୍ମ କରିବାକୁ ଜନ୍ମ ହେଇନି । ମୋ ପାଇଁ କେତେ ଶୁଭକାମ ହାତଠାରି ଡାକୁଛି । ନାରୀ ଅମୃତ ପ୍ରଦାୟିନୀ କାହିଁକି ନା ପିଲା ଜନ୍ମ ହେବା ପରେ ଅମୃତ ଦେବାର କ୍ଷମତା କେବଳ ଈଶ୍ୱର ନାରୀଟିକୁ ଦେଇଥାନ୍ତି । ତୁମ ମା କ'ଣ ଅମୃତ ବଦଳରେ ତୁମକୁ ବିଷ ଦେଇଥିଲା ? ତୁମେ ଜଣେ ନାରୀକୁ ତା ଛୁଆକୁ ବିଷ ଦେବା ପାଇଁ ବାଟ ଦେଖେଇ ଦେଲ । କାହିଁକି ନିଜେ ଛୋଟକର୍ମ କରି ନିଜ ମା' କୁ ଛୋଟ କରୁଛ । ବିଷ ପୁରୁଷକୁ ଜନ୍ମ ଦେଇଥିବା ମା'କୁ ସମସ୍ତେ ତ ବିଷ କନ୍ୟା ବୋଲି କହିବେନି । ନାରୀ ତ୍ୟାଗର ଦେବୀ, ନାରୀ ଜଣେ ତପସ୍ୱନୀ, ନାରୀ ଦେବୀଙ୍କ ଅବତାର, ଭଗବାନଙ୍କୁ କେହି ଦେଖିନ୍ନୁ, କିନ୍ତୁ ମା' ର ରୂପରେ କୋଉ ଭଗବାନଙ୍କର ଗୁଣ କମ୍ ଅଛି କେହି କହି ପାରିବେ? ଥରେ ଭାବିଲ ପୁରାଣର ସୀତା, ଦୌପଦୀଙ୍କୁ ଛୁଇଁକି ରାବଣ, ଦୁର୍ଯ୍ୟଧନ ପରି ମହାପ୍ରତାପି ତାଙ୍କ ସାମ୍ରାଜ୍ୟ ସହ ନିଜେ ଧ୍ୱଂସ ହେଇଯାଇ ଥିଲେ ।

ବୁଢ଼ା ମଉସା କଥା ଶୁଣିବା ପରେ ମତେ ସବୁ ଘଟଣା ଜାଣିବା, ଜାଣିବା ପରି ଲାଗିଲା । ମୁଁ ଆଉ ସେଇ ଅନାଥ ଆଶ୍ରମରେ ବଢ଼ି ମଣିଷ ହେଇଥିବା ମଲାଜହ୍ନର ସେଇ ଶୁକୁ ଶୁକୁ ହେଉଥିବା ବଡ଼ ପୁଅଟି ନୁହଁ ତ ? କାହିଁକି ନା ବଡ଼ ପୁଅ ବିଷଖାଇ ସେ ଦିନ ମରି ନଥିଲା, ମେଡ଼ିକାଲ୍ ରେ ଜୀବନ, ମୃତୁ ର ଲଢ଼େଇ ଜିତିଥିବା ବାଳକ ମୁଁ ନୁହେଁ ତ ?

ମୁଁ ପୁରୁଷ ବୋଲି ଯେଉଁ ଗର୍ବ କରେ, କାରଣ ଭଗବାନ କେତେ ଶକ୍ତି, ସାହାସ ପୁରୁଷଙ୍କୁ ଦେଇଛନ୍ତି । ମନେ ମନେ ନିଜକୁ ଭାଗ୍ୟବାନ୍ ବୋଲି ମନେ କରେ, ହେଲେ ଏହି କୁତ୍ସୀତ ପୁରୁଷଙ୍କ କଥା ଭାବିଲା ବେଳକୁ ନିଜକୁ ପୁରୁଷ ବୋଲି ପରିଚୟ ଦେବାକୁ ଘୃଣା ଲାଗୁଛି । ଏହି ରୋଗ ଯେମିତି ସମାଜକୁ ମହାମାରୀ ସଂକ୍ରାମକ ରୋଗ ପରି ବିଦ୍ୟୁତ୍ ବେଗରେ ବ୍ୟାପିବାରେ ଲାଗିଛି, ତାକୁ କେବଳ ଆମମାନଙ୍କ ଭଳି ସଚେତନ ପୁରୁଷମାନେ ହିଁ ଚାହିଁଲେ ରୋକି ପାରିବେ । ଏଇ ଧ୍ୱଂସ ମୁଖରୁ ବଞ୍ଚେଇବା ପାଇଁ କୌଣସି ଶକ୍ତି ନାହିଁ । ଏଇ ରୋଗ ପାଇଁ କୌଣସି ଔଷଧ ନାହିଁ, କେବଳ ଆମ ଚିନ୍ତାଧାରା, ବିବେକକୁ ଠିକ୍ ବାଟେ ପରିଚାଳିତ କଲେ ଏହାର ସମାଧାନ ର ବାଟ ଖୋଲିଯିବ ।

ନୂଆପଡ଼ା, ବାଳିସାହି

୦୦୦

# ପାଗିଳୀ

*ଦିପୁନ୍ ପୁହାଣ*

ଆଈମା କାହାଣୀରୁ ଯାହା ଯେତିକି ଶୁଣି ଶୁଣି, ଆଉ ନିଜେ ପ୍ରତ୍ୟକ୍ଷ କରିଥିବା ଅନୁଭୂତିରୁ ମୁଁ ମୋ ମନଭିତରେ ଯେଉଁ ରୂପକଳ୍ପନା କରିଥିଲି, ସେ କିନ୍ତୁ ଥିଲା ତା'ର ସମ୍ପୂର୍ଣ୍ଣ ଓଲଟା ।

'ପାଗିଳୀ' କହିଲା ମାତ୍ରେ ମୋତେ ବୁଝିଯିବାକୁ ପଡୁଥିଲା, ସେ ହୋଇଥିବ ନିହାତି ଗୋଟିଏ ବିଭତ୍ସ ନାରୀମୂର୍ତ୍ତୀ । ଲମ୍ବା ଲମ୍ବା ନଖ, ଆଲୁରୁ ବାଲୁରୁ ଅସଂଯତ ବାଳ, ଉଙ୍କୁଣି ସାଲୁବାଲୁ । ଯାହାକୁ ସେ ଫାଷ୍ଟଫୁଡ୍ କରୁଥିବ ନିଶ୍ଚିତ । ଚିରାଫଟା ଲୁଗାଭିତରୁ ଫୁଟିଉଠୁଥିବ ତା'ର ବେପରୱା ରୂପକାନ୍ତି । ଆଉ କାନ୍ଧରେ ଝୁଲୁଥିବ ଗୋଟେ ବିରାଟ ବୁଜୁଳି । ସେଇ ବୁଜୁଳି ଭିତରେ ଚାରି ପାଞ୍ଚୁଟା ଛୁଆଙ୍କୁ ସେ ବାନ୍ଧିକରି ନେଇଯିବାର ଜେଜେ ମା' ହେଉଛି ପ୍ରତ୍ୟକ୍ଷଦର୍ଶୀ ।

ତେଣୁ ଜେଜେ ମା'ର କଡ଼ା ହୁକୁମ୍ - ନିଛାଟିଆ ଦି-ପହରରେ ବାହାରକୁ ଯିବା, ବଡ଼ ପାଟିରେ କାନ୍ଦିବା, ନଖାଇବାକୁ ଯିଦ୍ କରିବା । ରାତିରେ ନଶୋଇ କାହାଣୀ ଶୁଣିବା ପାଇଁ ଅଡ଼ିବସିବା ସବୁକିଛି ବ୍ୟାନ୍ । ନହେଲେ ପାଗିଳୀ ଆସି ମୋ ହାତଗୋଡ଼ ବାନ୍ଧି ନେଇ ଚାଲିଯିବି ତା'ଘରକୁ । ତେଣୁ ପାଗିଳୀକୁ ମୋର ଭାରି ଭୟ ।

'ହେଇ ପାଗିଳୀ ଆସିଲାଣି' କହିଲାମାତ୍ରେ ଦୌଡ଼ିଯାଇ ବୋଉ କୋଳରେ ମୁହଁ ଲୁଚାଇବାଟା ଥୟ ।

କିନ୍ତୁ ସେଦିନ ମୁଁ ଯାହା ଆବିଷ୍କାର କଲି ତାହାଥିଲା ମୋର କଳ୍ପନାର ସଂପୂର୍ଣ୍ଣ ବିପରୀତ । 'ପାଗିଳୀ'ର ରୂପ ପୁଣି ଏତେ ସୁନ୍ଦର ହୋଇପାରେ ? ବର୍ଷ ବର୍ଷ ଧରି ଯେଉଁ ପାଗିଳୀ ଭୟରେ ମୁଁ ମୋର ଅନିଚ୍ଛା ସତ୍ତ୍ୱେ ଉପାୟ ଶୂନ୍ୟ ହୋଇ ଚୁପ୍ ଚାପ୍ ଜେଜେ ମା'ର ସବୁ ହୁକୁମ୍ ମାନି ନେଉଥିଲି, କାହିଁ ଏ ପାଗିଳୀ ଦେହରେ ସେପରି କିଛି ବି ଲକ୍ଷଣ ଦେଖିବାକୁ ମିଳିଲାନି ? ଛିଣ୍ଡା ଲୁଗା ପରିବର୍ତ୍ତେ ତା'ଦେହରେ ଥିଲା ଗୋଟିଏ ରକ୍ତ ଯବା ରଙ୍ଗର ସୁନ୍ଦର ଶାଢ଼ୀ । ମୁଣ୍ଡ ବାଳ ବି ଆଲୁରୁ ବାଲୁରୁ ନଥିଲା, ଥିଲା ତେଲ ଭିଜା ଚିକ୍ ଚିକ୍ ସୁନ୍ଦର ଜୁଡ଼ା ଟିଏ । ହାତରେ ଚୁଡ଼ି ମୁଣ୍ଡରେ ସିନ୍ଦୁର ପୁଣି ପାଦରେ ବି ହଳେ ଚପଲ ପିନ୍ଧିଥିଲା ସିଏ । ଆଉ ବୁଜୁଳି ବଦଳରେ କାନ୍ଧରେ ଗୋଟିଏ ଝୁଲା ବ୍ୟାଗ୍ ପକେଇ ସେ ଆସିଥିଲା ଆମ ଘର ସମ୍ମୁଖକୁ ।

ସେଦିନ ସ୍କୁଲ୍‌ରୁ ଫେରି ମୁଁ ଦାଣ୍ଡପିଣ୍ଡାରେ ବସିଥାଏ । ବୋଉ ଘରଭିତରକୁ ଯାଇଥାଏ ମୋ ପାଇଁ ଖାଇବା ଆଣିବା ପାଇଁ । ମୁଁ ବି ତରତର ହେଉଥାଏ କେମିତି ଖାଇଦେଇ ଖେଳିବାକୁ ଯିବି । ନହେଲେ ଲୁଚକାଳି ଖେଳଟା ମିସ୍ ହୋଇଯିବ ଯେ । ହଠାତ୍ ତାଟି ଖୋଲି ଆସି ସେଇ ନାରୀ ମୂର୍ତ୍ତୀଟି ଆମ ଘର ଅଗଣାରେ ପହଞ୍ଚି ଗଲା । ସେ ତା'ର ଆତ୍ମ ପରିଚୟ ଦେଇନଥିଲେ ମୁଁ ହଠାତ୍ ଆମଘରର କେହି କୁଣିଆ ବୋଲି ଭାବି ତାକୁ ଘର ଭିତରକୁ ସ୍ୱାଗତକରି ନେଇ ଥାଆନ୍ତି । ନହେଲେ ବୋଉକୁ ଚିଲେଇ ଚିଲେଇ କହିଥାନ୍ତି - "ବୋଉ ଦେଖିବୁ ଆସ୍ ଆମ ଘରକୁ କିଏ ଆସିଛନ୍ତି ?"

କିନ୍ତୁ ସେମିତି କିଛି ଘଟିବା ପୂର୍ବରୁ ସେ ତା'ର ଧୀର ନମ୍ର ଗଳାରୁ ମେଞାଏ କୋଇଲିର କୁହୁ ବିଛୁରି ଦେଇ ଗୃହକର୍ତ୍ତୀଙ୍କ ଉଦ୍ଦେଶ୍ୟରେ କହିଲା -

- "ମା' ଚାଉଳ ଗଣ୍ଡେ ଦେବ ?

- କିଏ ? ଘରଭିତରୁ ଭାସି ଆସୁଥିଲା ବୋଉର କଣ୍ଠସ୍ୱର

- ମୁଁ, ମୁଁ ପାଗିଳୀ

- ଓଃ ପାଗିଳୀ କିଲୋ ! ଟିକେ ରହ, ମୁଁ ଯାଉଛି । ଏତିକି ଶୁଣିବା ମାତ୍ରେ ମୋତେ ଲାଗିଲା, ଯେମିତି ଏଇ ମୁହୂର୍ତ୍ତରେ ଭୂମିକମ୍ପ କିମ୍ବା ସୁନାମି ଆସିଯିବ । ମୁଁ ଖାଇବା ପାଖରୁ ଉଠିଯାଇ ଗୋଟେ ନିଶ୍ୱାସରେ ଦୌଡ଼ିଲି ଘର ଭିତରକୁ ।

ଇଏ କ'ଣ ସତରେ ପାଗିଳୀ ? ବାପାଙ୍କ ସହ ମନ୍ଦିର ଯିବାବେଳେ ମନ୍ଦିର ବାହାରେ ମୁଁ ଯେଉଁ ପାଗିଳୀକୁ

Join Now! Join Now!! Join Now!!!

# MATRUSHAKTI STUDY POINT

*(A Unit of Innovation, Dedication & Care)*

MS

ESTD 2009

**Nayabazar, Cuttack-4,**
**Student Care : 9437107857, 9437563030**
**9776340495, 9861268704**
**E-mail : matrushakti2009@gmail.com**

***Our Salient Features :***

- *The teaching is produced by highly experienced faculty members on the latest trend of the BSE.*
- *Study material prepared by qualified faculty in each subject*
- *Predict future paper trends with* MATRUSHAKTI STUDY POINT ***Test Series*** *every month to give student's practice and more practice.*
- *Stay informed about latest trends syllabus, new study techniques, time management skills and much more.*
- *Confidence building exercise with self test.*
- *Xtra Funda*
- *Problem Solving desk.*
- *Reasonable Fees*

*Your Success*
*Our Aim*

**For**
**Class V to X,**
**+2 Arts,**
**Sc., Com.**

**Admission**
**Open**
**for +3 Arts**
**(All Subject)**

**Result Analysis**
**(through SMS**
**to parents)**

# Admission going on

ଦେଖିଥିଲି ଆଉ ଜେଜେ ମା' ଯୋଉ ପାଗିଳୀର ରୂପ ବର୍ଣ୍ଣନା କରୁଥିଲେ । କାହିଁ ଇଏତ ସେପରି ଦେଖାଯାଉ ନଥିଲା ? ମୋ ଅଁାଏ ଚାଉଳ ନେଇ ବୋଉ ଚାଲିଗଲା ପାଗିଳୀର ବ୍ୟାଗ୍‌ରେ ଢ଼ାଳିବା ପାଇଁ । ଆଉ ମୁଁ କୌତୁହଳ ବସତଃ ସେଇ ନୂଆ ପାଗିଳୀକୁ ଦେଖିବା ପାଇଁ ଚାଲିଥିଲି ବୋଉ ପଛେ ପଛେ । କିନ୍ତୁ ମୋର ଗତି ଦୁଆର ବନ୍ଧ ପର୍ଯ୍ୟନ୍ତ ସିମୀତ ଥିଲା । କାରଣ ତା' କାନ୍ଧରେ ଥିବା ବ୍ୟାଗ୍‌ରେ ଗୋଟେ ଯୋଡ଼ାଏ କଅଁଳା ଛୁଆଙ୍କୁ ସେ ଲୁଚାଇ ରଖିବାଟା ଯେ, ଅସମ୍ଭବ ନୁହେଁ । ସେହି ଭୟରେ ସିଙ୍କୁଳି ମୋ ପାଦକୁ ବାନ୍ଧି ପକାଉଥିଲା । କବାଟ ଉହାଡ଼ରୁ ଅତି ସନ୍ତର୍ପଣରେ ମୁଁ ଦେଖୁଥାଏ ବୋଉ ତା'ର ବ୍ୟାଗ୍‌ରେ ଚାଉଳ ଢ଼ାଳିବାର ଦୃଶ୍ୟ । ତା'ପରେ ବୋଉର ତା' ସଙ୍ଗେ କଥୋପକଥନ ଓ କିଛି ସମୟପରେ ତା'ର ବିଦାୟ, ପାଗିଳୀ ସିନା ତା'ବାଟ ଦେଇ ଚାଲିଗଲା, ହେଲେ ମୋ ମନଭିତରେ ଗୁନ୍ଥି ଦେଇଗଲା ଅସରନ୍ତି ପ୍ରଶ୍ନବାଚୀ ।

ସବୁ ପାଗିଳୀ ମାନଙ୍କଠାରୁ ଭିନ୍ନ ଦେଖାଯାଉଥିବା ଏହି ନୂତନ ପାଗିଳୀଟି କିଏ ? କ'ଣ ଇଏ ସତରେ ପାଗିଳୀ ? ଯଦି ନା' ତେବେ କ'ଣ ତା'ର ପରିଚୟ ? କାହିଁକି ସେ ଆସିଥିଲା ? ଏତେ ଗୁଡ଼ାଏ ଚାଉଳ ନେଇ ସିଏ କ'ଣ କରିବ ? ସେ ଯୋଉ ନାଲି ଶାଢ଼ୀଟା ପିନ୍ଧିଥିଲା ମଞ୍ଜୁଳା ମାଉସୀ ଠିକ୍ ସେମିତିକା ଗୋଟେ ଶାଢ଼ୀ ପିନ୍ଧି ଆମ ଘରକୁ ଆସିବାର ମୁଁ ବହୁବାର ଦେଖିଛି । ଏ ପାଗିଳିଟା କ'ଣ ସତରେ ଗୋଟେ ଚୋରଣୀ ?

– ଖାଲି ଚୋରଣୀ ନୁହଁରେ ବିସୁ ! ସିଏ ଗୋଟେ ପିଲା ଚୋରଣୀ, ତୋ ଭାଗ୍ୟ ଭଲ ତୁ ସେଠାରୁ ଦୌଡ଼ି ଚାଲି ଆସିଲୁ । ନ ହେଲେ ସେ ତୋତେ ତା'ବ୍ୟାଗ୍ ଭିତରେ ପୁରେଇ ନେଇ ଯାଇଥାନ୍ତି। ତା' ଘରକୁ ।

ଜେଜେ ମା'ଙ୍କର ଏ ପ୍ରକାର ଉତ୍ତରରେ ମୋ ଭୟଭୀତ ଶରୀରଟା ଜେଜେମା'ଙ୍କ ହାଡୁଆ ଦେହଟାକୁ ଖୁବ୍ ଜୋର୍‌ରେ ଯାବୁଡ଼ି ଧରିଥିଲା ସେଦିନ । ବିନା ପ୍ରତିବାଦରେ ବିନା ଅଝଟରେ ଜେଜେ ମା' କୋଳରେ ମୁଣ୍ଡ ରଖି ଶୋଇ ଯାଇଥିଲି ସିନା, କିନ୍ତୁ ସେଇ ପାଗିଳୀର ସୁନ୍ଦର ଚେହେରାଟା ମୋତେ ଆନ୍ଦୋଳିତ କରୁଥିଲା । ଏମିତି ଲାଗୁଥିଲା ଯେମିତି ଜେଜେ ମା'ର ଉତ୍ତର ଯଥେଷ୍ଟ ନଥିଲା । ମୋତେ ନିଜେ ହିଁ ରିସର୍ଚ୍ଚ କରିବାକୁ ପଡ଼ିବ ଏଇ ପାଗିଳୀ ବିଷୟରେ ।

ଏହାପରେ ଦିନେ ମୋର କୌତୁହଳ ଆଖି ଆଉ ଜିଜ୍ଞାଶୁ ପାଦଦୁଇଟି ଧାଇଁ ଯାଉଥିଲା ଗାଁ ମୁଣ୍ଡ ନିଛାଟିଆ ଆମ୍ବ ତୋଟାରେ ଥିବା ପାଗିଳୀର ଭଙ୍ଗାକୁଡ଼ିଆ ପାଖକୁ । କିନ୍ତୁ ସେଦିନ ଯାହା ଘଟିଗଲା ତାହା ଥିଲା ମୋ ଜୀବନର ଏକ ଅବିସ୍ମରଣୀୟ ଦୁର୍ଘଟଣା । ଯାହା ମୋତେ ଜୀବନର ପ୍ରତିଟି ମୋଡ଼ରେ ଚେତାଇ ଦିଏ ଏକ ଦାରୁଣ ବାସ୍ତବତାକୁ । ଏହାପରେ ମୋ ଜୀବନରେ ଅନେକ ବସନ୍ତ ଆସିଛି । ବାଳ ସୁଲଭ ଚପଳାମିକୁ ଚୋରାଇ ନେଇଛି କୈଶୋର । କୈଶୋରକୁ ଆବୋରି ବସିଛି ଯୌବନ ।

ପାଗିଳୀ ପ୍ରତି ଥିବା ଭୟବି ମନରୁ ହଜି ଗଲାଣି । ହଜିଗଲାଣି ଅତୀତର କେତେ ତିକ୍ତ ମଧୁର ଅନୁଭୂତି । ଯାହା କିଛି ମନେଅଛି ତାହାବି ଅର୍ଦ୍ଧରୁଗ୍‌ଣ ଓ ଝାପ୍‌ସା ଝାପ୍‌ସା । ସେଇ ଝାପ୍‌ସା ଅତୀତର ଅନ୍ଧାର ଗୋହିରୀରେ ହଜିଯାଇଛି ଜେଜେ ମା'ଙ୍କ ରକ୍ତ ଚର୍ମର କଂକାଳ । ଅଛିମାତ୍ର ତାଙ୍କର ଏକ ତୈଳ ଚିତ୍ର । ରୁଖା ସୁଖା ଫୁଲ ହାର ଭିତରୁ ହସି ଉଠୁଥିବା ଜେଜେ ମା'ଙ୍କ ମୁହଁକୁ ଦେଖିଲେ, ଲାଗେ ଯେମିତି ସେ ହସୁଛନ୍ତି ଏକ ରହସ୍ୟର ହସ । ଆଉ କାନେ କାନେ କହି ଯାଉଛନ୍ତି ।

– ତୁ ବିଶ୍ୱଜିତ୍ ସାମଲ ନୁହେଁ ତୁ ମୋର ସେଇ ଡରକୁଳା ବିସୁ । ହେଇ ଦେଖ୍ ପାଗିଳୀ ଆସିଲାଣୀ, ଆ' ମୋ କୋଳକୁ ଆ'- ନାଁ ଆଉ ନୁହେଁ । ମୁଁ ଆଉ ଛୋଟ ଛୁଆ ନୁହେଁ । ମୁଁ ଆଉ ପିଲାଦିନର ସେଇ ଡରକୁଳା ହୋଇ ନାହିଁ । ମୁଁ ବିଶ୍ୱଜିତ୍ ସାମଲ । ଏ ସହରର ଜଣାଶୁଣା ଇଣ୍ଡଷ୍ଟ୍ରିଆଲିଷ୍ଟଙ୍କ ଭିତରୁ ଜଣେ । ଡରକୁଳା ନୁହେଁ ବୋଲିତ ସେଦିନ ସୁନନ୍ଦା ସହ ବିବାହ କରିବାର ସାହାସ କରି ଘରେ ବହି ଯାଇଥିବା ଏକ ବିରାଟ ବଡ଼ ଝଡ଼ର ସାମ୍ନା କରିଛି । ଡରକୁଳା ନୁହେଁ ବୋଲିତ ଦୁନିଆଁର ଟାହିଟାପରା, ମାଇପି ବୋଲକରା ପରି ଅପବାଦକୁ ପାଦରେ ଏଡ଼ାଇ ସୁନନ୍ଦାର ଦୁଇ ଭଉଣୀ ଓ ସାନଭାଇର ଭରଣପୋଷଣର ଦାୟିତ୍ୱ ନିଜ ମୁଣ୍ଡକୁ ନେଇଛି । ତେବେ ହଁ ସେଦିନ ଆମ୍ବତୋଟାରେ ପାଗିଳୀର କୁଡ଼ିଆରେ ଯାହା ପ୍ରତ୍ୟକ୍ଷ କରିଥିଲି ସେ କଥା ଭାବିଲେ ଆଜିବି ଦେହଟା କେମିତି ଶୀତେଇ ଉଠେ ।

ଇଚ୍ଛାହୁଏ ଦୌଡ଼ିଯାଇ ଜେଜେ ମା'ର ସେଇ ହାଡୁଆ ଦେହରେ ମୁଣ୍ଡ ଗୁଞ୍ଜି ଆଶ୍ରୟ ନେବା ପାଇଁ । ହେଲେ ମହାକାଳର ସ୍ରୋତରେ ହଜି ଯାଇଛି ମୋର କୈଶୋର ଆଉ ଆଜି ଯାଇଛନ୍ତି ସେହି ମହୀୟଶି ଜେଜେ ମା' ।

ସେଦିନ ସବୁ କଳ୍ପନା ଜଳ୍ପନା ସବୁ ରହସ୍ୟର ପର୍ଦ୍ଦା ଉଠାଇବାର ଲକ୍ଷ୍ୟନେଇ ପାଗିଳୀର ଘର ସମ୍ନାରେ ଯାଇ ଯାହା ଦେଖିଲି ତାହା ଜେଜେ ମା'ଙ୍କ କଥାରେ ଥିବା ସତ୍ୟତାରେ ଥିଲା ଚାକ୍ଷୁଶ ତଥା ବଳିଷ୍ଠ ପ୍ରମାଣ । ପାଗିଳୀର ଭଙ୍ଗା କୁଡ଼ିଆଟି ତିନିଟା ଛୋଟ ଛୋଟ ଶିଶୁ କନ୍ୟାଙ୍କର କେଁ କାଁରେ ଫାଟି ପଡୁଥିଲା । ଛିଣ୍ଡାକନାରେ ଘୋଡ଼ି ହୋଇଥିବା ଶରୀର, ଫୁର୍ ଫୁର୍ ବାଳ, ଠକରା ଗାଲ ଓ ପେଜୁଆ ପେଜୁଆ ଛଅଟି କରୁଣ ଆଖି ଜଳି ଉଠୁଥିଲା ପାଗିଳୀର ଚୁଲି ନିଆଁର ଆଲୁଅରେ । ଚୁଲି ଉପରେ ଭାତ ହାଣ୍ଡିରେ ଭାତସବୁ ଗବାଗବ୍ କରି ଫୁଟୁଥାଏ ଆଉ ସ୍ୱୟଂ ପାଗିଳୀ ବସିଥାଏ ଚୁଲି ମୁଣ୍ଡରେ । ଏସବୁ ଦେଖି ମୋ ଛାତିରେ ଛନକା ପଶିଗଲା । ଜେଜେ ମା ଠିକ୍ କହୁଥିଲେ ଏ ପାଗିଳୀ ଗୋଟେ ପିଲା ଚୋରଣୀ । ତରତରରେ ସେଠା ଛାଡ଼ି ଚାଲିଯିବାକୁ ବସିଥିଲି ହଠାତ୍ ସେ ଘର ଭିତରୁ କୁନି କୁନି ସ୍ୱରର ଚିତ୍କାର ସହ ପାଗିଳୀର ଆର୍ତ୍ତ ନାଦ । ସେ ନିର୍ଜନ ଇଲାକାରେ ଗଗନ ପବନ କୁ ମୁଖରିତ କରିବାକୁ ଲାଗିଲା । ଗୁଡ଼ାଏ ସମ୍ମିଳିତ ସ୍ୱରର ବିକଳ କ୍ରନ୍ଦନ ସାଙ୍ଗକୁ ଆଉକିଛି ଗର୍ଜନ ତର୍ଜନର ଧ୍ୱନୀ ମୋ ମନରେ ଆଶଙ୍କା ସଞ୍ଚାର କଲା । ବ୍ୟପାରଟା କ'ଣ ଜାଣିବା ଉଦ୍ଦେଶ୍ୟରେ ଛାତିରେ ଛେପ ଢ଼ୋକି ପୁଣିଥରେ ପାଗିଳୀ ଘର ସମ୍ନାକୁ ଯାଇ ଯାହା ଦେଖିଲି କଳିଜା ପାଣି ହେବାର ଦୃଶ୍ୟ ।

ଚୁଲିରେ ବସିଥିବା ଭାତ ହାଣ୍ଡିଟି ଭାଙ୍ଗିଯାଇ ଚୁଲିରୁ ଧୂ ଧୂ ହୋଇ ଧୂଆଁ ବାହାରୁ ଥାଏ । ଛୁଆଗୁଡ଼ା ଉପାୟ ଶୂନ୍ୟ ହୋଇ ଖାଲି ଯାହା କାନ୍ଦିବାରେ ଲାଗିଥାନ୍ତି ଓ ଭୂମି ଉପରେ ପଡ଼ିଥାଏ ପାଗଳୀର ଅସଂଯତ ଉଲଗ୍ନ ଶରୀର । ଚାରି ପାଞ୍ଚୁଟା ମଣିଷ ମୁଖାପିନ୍ଧା ରାକ୍ଷସ ପାଗିଳୀକୁ ଖିନ୍ ଭିନ୍ କରି ଝୁଣି ଯାଉଥିଲେ । ମୁଁ ଅଣନିଶ୍ୱାସୀ ହୋଇ ଦୌଡ଼ିଲି ଗାଁ ଅଭିମୁଖେ । କାହାକୁ କିଛି କହିବାର କି କିଛି କରିପାରିବାର ସାମର୍ଥ୍ୟ ଶୂନ୍ୟ, ଡରକୁଳା ମୁହଁରେ ସେଦିନ ହଠାତ୍ ଚିଲେଇ ଚିଲେଇ ଗାଁ ଦାଣ୍ଡରେ କହି ଉଠିଥିଲା ପାଗିଳିର ଦୂରାବସ୍ଥା କଥା । ସଙ୍ଗେ ସଙ୍ଗେ ଗାଁ ଲୋକଙ୍କ ପଦକ୍ଷେପ ପାଞ୍ଚଟା ଅମଣିଷଙ୍କୁ ଉଚିତ୍ ଦଣ୍ଡାଦେଶ ଦେଇପାରିଲା ସିନା ହେଲେ କିଛି ମାସ ପରେ ଏକ ନବଜାତ ଶିଶୁପୁତ୍ର ଆଉ ୩ଟି କଅଁଳ କଳିକାଙ୍କୁ ପରକରି ପାଗିଳୀ ସବୁଦିନ ପାଇଁ ଚାଲି ଯାଇଥିଲା ଆରପୁରକୁ ।

ଯୌତୁକ ନିର୍ଯ୍ୟାତନାକୁ ସହି ନପାରି ଶାଶୁ-ଶ୍ୱଶୁର-ସ୍ୱାମୀ ସୁଖକୁ ପାଦରେ ଏଡ଼ାଇ ତିନି ତିନିଟା କନ୍ୟା ସନ୍ତାଙ୍କ ଦାୟିତ୍ୱ ନିର୍ବାହର ଭାରକୁ ମୁଣ୍ଡରେ ବହନ କରି ଏକା ଏକା ଜୀବନ ଯୁଦ୍ଧ ଲଢ଼ିବାକୁ ଶାଶୁଘର ଛାଡ଼ି ଚାଲି ଆସିଥିବା ପାଗିଳୀ ଆଜି ଏ ଦୁନିଆଁରେ ନାହିଁ ସତ ମାତ୍ର ମୋର ଚାରିବର୍ଷର ଝିଅ ସୁକନ୍ୟାକୁ ମୁଁ ଯେବେ ସ୍ନେହରେ ପାଗିଳୀ ବୋଲି ଡାକିଦିଏ ସେତେବେଳେ ପାଗିଳୀର ବଡ଼ଝିଅ ବୋଲାଉଥିବା ସୁନନ୍ଦା ଲୁହ ଛଳ ଛଳ ଆଖିନେଇ ହଜିଯାଏ କେଉଁ ଏକ ବିସ୍ମୃତିର ଅନ୍ଧାରି ଦୁନିଆଁରେ ।

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ

୦୦୦୦

# ବାଘର ଖେଳ

**ରାମେନ୍ଦ୍ରନାଥ ବିଶ୍ୱାସ**

ଗାଆଁର ନାମ ହୀରାପୁର, ଜଙ୍ଗଲିଆ ଗାଆଁ । ଯେଉଁ ସମୟର କଥା କହୁଛି, ସେ ସମୟରେ ଚାରିଆଡ଼େ ବହୁତ ଜଙ୍ଗଲଥାଏ । ଜଙ୍ଗଲରେ ବାଘ ବୁଲୁଥାଏ । ସେ ସମୟରେ ମଣିଷ ବାଘକୁ ଭୟ ପାଉଥାଏ । ଆଜିକାଲି ବାଘମାନେ ମଣିଷକୁ ଭୟ ପାଆନ୍ତି । ସେ ସମୟରେ ଜଙ୍ଗଲରେ ଥିଲା ବାଘର ରାଜୁତି । ଏବେ ଜଙ୍ଗଲ ହେଲା ମଣିଷର ଆବାଦ୍ । ତେଣୁ କରି ଜଙ୍ଗଲ ଆଉ ଦେଖାଯାଏ ନାହିଁ । ଯାହା ଦେଖାଯାଏ, ସେଥିରେ ବଡ଼ ବଡ଼ ପୁରୁଣା ଗଛ ଦେଖାଯାଏ ନାହିଁ । ଏହିସବୁ ଜଙ୍ଗଲରେ ଏବେ ଆଉ ବାଘ ଦେଖାଯାଆନ୍ତି ନାହିଁ । ବାଘର ଯାହା ଦେଖା ମିଳିବ ଅଭୟାରଣ୍ୟରେ । ଅଭୟ ଅରଣ୍ୟ ହେଉଛି ଯେଉଁ ଜଙ୍ଗଲରେ ମଣିଷର ଭୟ ନାହିଁ । କାରଣ ସେ ଜଙ୍ଗଲ ମଣିଷର ତିଆରି । ସେଥିରେ ଯେତ ଜୀବଜନ୍ତୁ ଅଛନ୍ତି ସେମାନଙ୍କୁ ହୁଏତ ବାକ୍ସ ବନ୍ଦୀ କରି, ନ ହେଲେ କାନ୍ଥ ଘେର ବା ବାଡ଼ ଭିତରେ ରଖାହୋଇଛି । ସାଧାରଣ ମଣିଷ ସେ ଘେର ଭିତରେ ଯିବେ ନାହିଁ । ତେଣୁ ତାକୁ ଭୟ ନାହିଁ ।

ଅଭୟାରଣ୍ୟରେ ବହୁ ପ୍ରକାରର ଜୀବଜନ୍ତୁର ଦେଖା ମିଳିବ । କିନ୍ତୁ ସେଇ ଜୀବଜନ୍ତୁମାନେ ଅନ୍ୟ ସବୁ ଜୀବଜନ୍ତୁଙ୍କୁ ଦେଖିପାରିବେ ନାହିଁ । କାରଣ ସେମାନେ ସେଠାରେ ବନ୍ଦୀ । ସେମାନଙ୍କର କେବଳ ବଞ୍ଚିବାର ଅଧିକାର ଅଛି । ସ୍ୱାଛନ୍ଦ୍ୟ ଭ୍ରମଣର ଅଧିକାର ନାହିଁ । ବାଘପରି ହିଂସ୍ର ପଶୁମାନଙ୍କ ସାମ୍ନାରେ ଯାଅ – ସେମାନେ ତୁମକୁ ଖାଲି ଦେଖିବେ, କିଛି କରିବେ ନାହିଁ । ହୁଏତ କିଛି କହିପାରନ୍ତି.... ଗରଗର୍ ଗର୍ଜନରେ । ତୁମେ ତା'ର ଭାଷା ବୁଝ କି ନ ବୁଝ । ତୁମେ ତା ସମ୍ନାରେ ତୁମର ବୀରତ୍ୱପଣିଆ ଦେଖାଅ – ସେ ମିଟିମିଟି ଆଖିରେ ଦେଖିପାରେ । ତୁମେ ତାକୁ କଦଳୀଟିଏ ଖାଇବାକୁ ଦିଅ । ସେ ତାକୁ ଛୁଇଁବ ନାହିଁ । କେବଳ ମନେ ମନେ ଭାବିପାରେ.... ଜୋକ୍ କରୁଛ ? ମୋର ଯଦି ସବୁ ଜାଗାରେ ବୁଲିବାର ଅଧିକାର ଥା'ନ୍ତା ତେବେ ତୁମର ଏ ଜୋକ୍‌କୁ ରୋକ୍ କରିଦିଅନ୍ତି । ବିଚରାର ଦୋଷ କ'ଣ ? ଦୋଷ ତ ତୁମର । ତାକୁ କଦଳୀ କାହିଁକି ଖାଇବାକୁ ଦେଲ ? ବାଘ କ'ଣ କଦଳୀ ଖାଏ ?

ବାଘମାନେ ସ୍ୱଚ୍ଛନ୍ଦରେ ଅଭୟାରଣ୍ୟରେ ବୁଲାବୁଲି କରିପାରିଲେ କ'ଣ କରିଥାନ୍ତେ ତହା କହିହେବ ନାହିଁ । ସେମାନେ ଆମକୁ ନେଇ ମଜା କରିପାରନ୍ତେ ବା ଖେଳ କରିପାରନ୍ତେ । କିପରି ଖେଳ ? ଗୋଟିଏ ଉଦାହରଣ ଦେଉଛି- ଏଇ ହୀରାପୁର ଗାଆଁର ହୀରା ନାମରେ ପିଲାଟାଏ, ୨୦-୨୨ ବର୍ଷ ବୟସ ହେବ । ଆଦିବାସୀ ଗାଆଁର ଆଦିବାସୀ ପିଲା । ସେତେବେଳେ ସେଇ ଅଞ୍ଚଳର ଆଦିବାସୀ ଲୋକମାନେ ଖଣ୍ଡେ କନା ପିନ୍ଧୁଥିଲେ ଅଣ୍ଟାରେ, ଆଉ ଖଣ୍ଡେ ଘୋଡ଼ାଉଥିଲେ ମୁଣ୍ଡରେ । କେଉଁଠାକୁ ଯିବାକୁ ହେଲେ ହାତରେ ଧରୁଥିଲେ ଗୋଟାଏ ଟାଙ୍ଗିଆ । ବେଶୀ ଥଣ୍ଡାରୁ ବା ବେଶୀ ଗରମରୁ ଏଇ ମୁଣ୍ଡବନ୍ଧା କନା ଖଣ୍ଡେ ଦେହକୁ ରକ୍ଷା କରୁଥିଲା । ଦୁଇ କାନକୁ କନାରେ ଢ଼ାଙ୍କି ବାନ୍ଧିବାରୁ ଲୋକେ ଅଂଶୁଘାତରେ ମରୁ ନଥିଲେ । ବିପଦ ଆପଦରେ ଟାଙ୍ଗିଆଟା ରକ୍ଷାକବଚ ପରି କାମ କରୁଥିଲା ।

ହୀରା ଯାଇଥିଲା ଜଙ୍ଗଲକୁ । ଜଙ୍ଗଲ ଭିତରେ ଶଗଡ଼ ଯିବାପାଇଁ ବାଟ ଥାଏ । ସେଇ ବାଟଦେଇ ଲୋକମାନେ ମଧ ଯାହାଆସ କରନ୍ତି । ହୀରା ଜଙ୍ଗଲ ଭିତରୁ ଫେରିବାବେଳକୁ ସେଇ ବାଟଦେଇ ଲୋକମାନେ ମଧ ଯାଆଆସ କରନ୍ତି । ହୀରା ଜଙ୍ଗଲ ଭିତରୁ ଫେରିବାବେଳକୁ ସେଇ ଶଗଡ଼ିଆ ବାଟ ଦେଇ ଫେରୁଥିଲା । ହଠାତ୍ ତା' ଆଖି ପଡ଼ିଲା ଜଙ୍ଗଲ ଭିତରେ ଗୋଟାଏ ବାଘ ଉପରେ । ବାଘଟା ତା' ଆଡ଼କୁ ଆସୁଛି । ସେ ହୀରାକୁ ଦେଖିଛି । ହୀରା ବି ବାଘକୁ ଦେଖିଛି । ପୂରାପୁରି ଆଖିରେ ଆଖି, ଯାହାକୁ କହନ୍ତି ଶୁଭଦୃଷ୍ଟି । ଦୃଷ୍ଟି ବିନିମୟ ପରେ ବାଘର ଗତି ଟିକିଏ ଧିମା ହୋଇଗଲା । ହୀରା ବି ଠିଆ ହୋଇପଡ଼ିଲା । ତା'ର ହାତ ଦୁଇଟା କାନ୍ଧରେ ଥିବା ଟାଙ୍ଗିଆର ବେଣ୍ଟକୁ ଶକ୍ତ କରି ଜାବୁଡ଼ି ଧରିଛି । ଏମିତି



# EMERALD

**EDUCATION**



+2 Science
+3 Science
(Hons & Pass)

**Hostel For Boys & Girls**

SURYALOKA LANE, CHANDI CHHAK, CUTTACK
DIAL : 9337894203, 8280320966



ଜୋର୍‌ରେ ଧରିଛି ଯେ ବେକ୍‌ଷ୍ଟାର ଜୀବନ ଥିଲେ ପ୍ରାଣ ବିକଳରେ ଚିତ୍କାର କରନ୍ତେ । ବାଘଟା ଧୀର ପଦକ୍ଷେପରେ ହୀରାର ପଛପଟକୁ ଆସିଲା । ହୀରା ବୁଲିକରି ବାଘ ଆଡ଼କୁ ମୁହେଁଇଲା । ହୀରାର ଉଦ୍ଦେଶ୍ୟ ବାଘଟା ଯଦି ତାକୁ ଧରିବାକୁ ଆସେ, ତେବେ ସେ ଟାଙ୍ଗିଆଟାର କରାମତି ଦେଖାଇବ । ବାଘଟା ବୋଧେ ଟାଙ୍ଗିଆର କରାମତି ଜଣେନା । ଯଦି ଜାଣିଥାଏ, ତେବେ ତାକୁ ଆକ୍ରମଣ କରିବ ନାହିଁ । ନଚେତ୍ ହୀରା ମରିବ କି ବାଘ ମରିବ ବିଧି ଜାଣନ୍ତି ।

ଆରପକ୍ଷେ ବାଘ ଭାବୁଥିଲା - କ'ଣ ଗୋଟିଏ ଦୁଇ ଗୋଡ଼ିଆ ଯାଉଛି, ଦେଖି ଆସେ ଟିକେ । ଆଗେଇ ଆସି ଦେଖିଲା ମଣିଷଟିଏ । ସେ ବି ତାକୁ ଦେଖିସାରିଛି । କିନ୍ତୁ ଭୟ ପାଇଲା ନାହିଁ ତ ! ଜଙ୍ଗଲର ବଳୁଆ ରାଜାକୁ ଭୟ ପାଇଲା ନାହିଁ କାହିଁକି ? ଦେଖାଯାଉ ଭାବି ଆଗେଇ ଆସିଲା ରାସ୍ତା ଉପରକୁ । ଦେଖିଲା ଲୋକଟା କାନ୍ଧରେ ଥିବା କ'ଣ ଗୋଟାଏର ଲାଞ୍ଚଟାକୁ ଜାକି ଧରିଛି । ମୁହଁଟା ତା' ଆଡକୁ । ଯେମିତି ଯୁଦ୍ଧଂ ଦେହି ଭାବ । ଯୁଦ୍ଧର କି ଦରକାର ! ବିଚରା ଯାଉଛି ଯାଉ । କେବଳ ପବନକୁ ଶୁଙ୍ଘି ତା'ର ଦେହର ବାସ୍ନାଟା ଟିକେ ପରଖିନିଏ । ଏମିତି ବିଚାରି ପବନକୁ ଶୁଙ୍ଘିଲା । କେତେଥର ପବନକୁ ଶୁଙ୍ଘି ଆରପଟ ଜଙ୍ଗଲ ଭିତରକୁ ଚାଲିଗଲା ।

ହୀରା ଦେଖିଲା - ବାଘଟା ରାସ୍ତା ଉପରକୁ ଆସିଲା । ତା' ଆଡ଼କୁ ମୁହେଁଇଲା । ପବନକୁ କେତେଥର ବାରିଲା । ତା'ର ଆପାଦମସ୍ତକ ଆଖି ଦେଇ ଦେଖିଲା । ତା'ପରେ ତା'ର ଗନ୍ତବ୍ୟ ପଥରେ ଚାଲିଗଲା । ବାଘଟା ଦେଖାଯିବା ଯାଏ ହୀରା ହଲିଲା ନାହିଁ । ତା'ପରେ ଭଗବାନଙ୍କୁ ମନେ ମନେ ନମସ୍କାର କରି ଗାଁ, ଆଡ଼କୁ ଆଗେଇ ଚାଲିଲା ।

ଗାଆଁରେ ପଶୁ ପଶୁ ଦେଖାହେଲା ଯୁଗଧର ଆଉ ରୂପ୍ ସିଂ ସହିତ । ହୀରାର ବାଘ ଦେଖିବା କଥା ଶୁଣି ସେମାନେ ହସି ଉଡ଼େଇଦେଲେ । ସାବାସ୍ ବୀର ପୁରୁଷ ହୀରାମନ ଉତ୍ରା ବୋଲି ତାଚ୍ଛଲ୍ୟରେ ବାହାବା ଦେଲେ । ବିଦ୍ରୂପରେ ହୀରାର ମନ ବିଗିଡ଼ିଗଲା । ହୀରା କ'ଣ ମିଛୁଆ ? ତା'ର ସତ କଥାକୁ ଏମାନେ ବିଶ୍ୱାସ କଲେନାହିଁ ? ଇଛା ହେଉଛି, ଏମାନଙ୍କୁ ସେଠାରେ ନେଇ ଥରେ ଦେଖାଇଦିଏ । ଦେଖିଲେ ବୁଝିପାରନ୍ତେ ସତ କି ମିଛ ? ହୀରା ଯାହା ଭାବିଲା ତାହାହିଁ ହେଲା । ଯୁଗଧର କହିଲା - ଚାଲ, ଦେଖିବାକୁ ଯିବା । ତୋର ଦେଖିଥିବା ବାଘମାମୁଟା ବିଲୁଅ ନା ହେଟା । ରୂପ୍ ସିଂ କହିଲା - ହୁଏତ କଟାଶ ହୋଇଥିବ । ହୀରା କହିଲା - ସେ କ'ଣ ଆଉ ଅଛି ସେଇଠି ? ସେ ତ ସେଠୁ ଚାଲିଗଲା । ଯୁଗଧର କହିଲା - ନିଶ୍ଚୟ ଚାଲିଗଲା । ବିଲୁଆ, ବିଲେଇ, କଟାଶ, ଭୁଆ ଏମାନେ ପଳାଇଯାଆନ୍ତି, ନ ହେଲେ ଲୁଚି ଯାଆନ୍ତି । ସେଟା କ'ଣ ବାଘ ଥିଲା ଯେ ସେ ଆଉଥରେ ଦେଖାଦେବ ? ଏକଥା ଶୁଣି ହୀରା ରାଗିଗଲା । କହିଲା - ହଉ ଚାଲ ! ତମ ଭାଗ୍ୟରେ ଯଦି ବାଘ ଦେଖିବାର ଅଛି ସେ ଦେଖାଦେଇପାରେ ।

ହୀରା ଆଉଥରେ ଚାଲିଲା ଜଙ୍ଗଲକୁ । ସାଙ୍ଗରେ ଯୁଗଧର । ଯୁଗଧର ଆଗରେ ହୀରା ପଛରେ । ରୂପ ସିଂ ସାଙ୍ଗରେ ଆସିଲା ନାହିଁ । ତା'ର କ'ଣ ଆଉ ଗୋଟିଏ କାମ ଅଛି । ହୀରା ଠାରୁ ଯୁଗଧର ପ୍ରାୟ ୫/୬ ବର୍ଷ ବଡ଼ । ତେଣୁ ହୀରାକୁ ଚେତେଇବା ତ'ାର ଗୋଟିଏ ବଦ ଅଭ୍ୟାସ । ପ୍ରାୟ ଦଶି ମିନିଟ୍ ଚାଲିଲା ପରେ ଦୁହେଁ ଆସି ପହଞ୍ଚିଲେ ହୀରା ସହିତ ବାଘର ପୂର୍ବ ମୁଲାକାତ୍ ହୋଇଥିବା ଜାଗାରେ । ହୀରା କହିଲା - ହେଇଠି, ଦେଖ । ଏଇ ଜାଗାରେ ମୁଁ ବାଘ ଦେଖିଥିଲି । ଯୁଗଧର ପଚାରିଲା - ହେଲେ ଗଲା କୁଆଡ଼େ ? ହୀରା କହିଲା - ହେଇଠି, ଦେଖ ଆସୁଛି ଅମ ଆଡ଼କୁ । କହିକି ସେ ଆଙ୍ଗୁଳିରେ ନିର୍ଦ୍ଦେଶ କଲା । ସତରେ ସେତେବେଳକୁ ସେଇ ବାଘଟା ଆଗ ଜାଗାରେ ଫେରୁଥିଲା । ପୁଣି ହୀରା ସହିତ ତା'ର ଭେଟ ହେଲା । କିନ୍ତୁ ହୀରା ସହିତ ଆଉ ଜଣକୁ ଦେଖି ସେ ପୁଲକିତ ହୋଇଉଠିଲା । ଯୁଗଧରର ଆଖି ପଡ଼ିଲା ବାଘ ଉପରେ । ଆରେ ବାପ୍‌ରେ ଏତେ ବଡ଼ ବାଘ । ଭୟରେ ସେ - ଆୟା ଗୋ ବୁଆ ଗୋ ବୋଲି ଚିତ୍କାର କରି ପ୍ରାଣ ବିକଳରେ ପଛକୁ ଦୌଡ଼ିଲା । ସେ ଏତେ ଭୀତଚକିତ ହୋଇଥିଲା ଯେ ତା' ହାତରୁ ଟାଙ୍ଗିଆଟା ଛିଟିକି ପଡ଼ିଲା କୋଉଁଠି ତାକୁ ଅଜଣା । ହୀରା ହତଭମ୍ବ । ଏ କ'ଣ ହେଲା । ବାଘ ଦେଖିବାକୁ ଆସିଛୁ ବାଘ ଦେଖିବୁ । ଭୟରେ ଦୌଡ଼ିକୁ କାହିଁକି ? ସେ ଦୌଡ଼ିଯାଇ ଯୁଗଧରର ଟାଙ୍ଗିଆଟା ଗୋଟେଇ ନେଲା ।

ବାଘର ଗୋଟିଏ ପ୍ରବୃତ୍ତି ଅଛି । ତା'ର ଶିକାର ଦୌଡ଼ିଲେ ତା'ର ବି ଦୌଡ଼ିବାକୁ ଇଚ୍ଛା ହୁଏ । ଯିଏ ଦୌଡୁଥାଏ ତାକୁ ଧରିବା ବାଘର ଗୋଟିଏ ଖେଳ । ଆଉ ବାଘର ଧରିବା ମାନେ ତା' ଦାନ୍ତରେ କାମୁଡ଼ିବା । ଆଉ ତା'ର କାମୁଡିବା ମାନେ ତ ଆମର ମୃତ୍ୟୁ । ସୁତରାଂ ବାଘ ଯୁଗଧର ପଛରେ ଧାଇଁଲା । ମାନେ - ଯା' ପଛରେ ବାଘ ଦୌଡ଼ିଲା ସେ ବାଘର ଶିକାର ହେଲା । ବାଘ ତାକୁ ଖାଉ ବା ନ ଖାଉ ।

ହୀରା ଯେତେବେଳେ ଯୁଗଧରର ଟାଙ୍ଗିଆଟା ଗୋଟାଉଥିଲା ସେଇ ସମୟରେ ବାଘ ଦୌଡ଼ିଲା ଯୁଗଧର ପଛରେ । ହୀରା ଦେଖିଲା ବାଘ ଦୌଡୁଛି ଯୁଗଧରକୁ ଧରିବା ପାଇଁ - ସେ ମଧ୍ୟ ଛୁଟିଲା ବାଘ ପଛରେ । ହେଇ ହେଇ ବୋଲି ଚିତ୍କାର କରୁଥାଏ ହୀରା । ବାଘ ଦୌଡୁଛି ଆଗରେ ଦୌଡୁଛି ଯୁଗଧର, ପଛରେ ଦୌଡୁଛି ହୀରା । ମଝିରେ ବାଘ । ଆଗରେ ଆୟାଗୋ ବୁଆ ଗୋ ଚିତ୍କାର, ପଛରେ ହେଇ ହେଇ ଧିକ୍କାର । ଆଗରେ ବିକଳ, ପଛରେ ଧମକ; ମଝିରେ ବାଘ ବିଚରା । ତିନିଜଣକର ମାରାଥନ୍ ଦୌଡ଼ । କିଏ ଜିତିବ ? ତିନିଜଣଯାକ ଏକା ଟ୍ରାକ୍‌ରେ । ପ୍ରଥମଥର ଗତି ଧିମା ହୋଇଆସିଲା, ଦ୍ୱିତୀୟରେ ଗତି ବଢ଼ିଗଲା । ଠିକ୍ ଏମିତି ସମୟରେ ପ୍ରଥମରେ ଥିବା ଯୁଗ୍‌ଧର ଆଣ୍ଠେଇ ହୋଇପଡ଼ିଲା । ଦ୍ୱିତୀୟ ତା'ଉପରକୁ ଡେଇଁପଡ଼ିଲା । ତୃତୀୟ ତା' ଟାଙ୍ଗିଆ ବେଣ୍ଟରେ ବାଘର ଲାଞ୍ଜଟାକୁ ହଲାଇଦେଲା । ବାଘ ବିଚରା ଘାବରା ହୋଇଗଲା । ଲାଞ୍ଜରେ ପାହାର ପଡ଼ିବାରୁ ଯୁଗଧରକୁ ଆଉ କାମୁଡ଼ି ପାରିଲା ନାହିଁ । ଆଉ ଗୋଟିଏ ଡିଆଁ ମାରି ଆଗକୁ ଦୌଡ଼ିଲା । ମାରାଥନ୍ ଦୌଡ଼ରେ ତା'ର ଜୟ ହେଲା । କାରଣ, ଆଗ ବାଲା ଯେଉଁଠି ପଡ଼ିଗଲା ପଛବାଲା ସେଇଠି ଠିଆ ହୋଇଗଲା ।

ବାଘ ଯେତେବେଳେ ଯୁଗ୍‌ଧରକୁ ଛୁଇଁଛୁଇଁ ହେଲା, ସେତେବେଳ ଯୁଗ୍‌ଧର ପଡ଼ିଗଲା । କିନ୍ତୁ ପଛରେ ତା'ର ଲାଞ୍ଜଟାର ଏ କ'ଣ ହେଲା ? ଏତେ ଜୋର୍‌ରେ କିଏ ମାରିଲା ? ପଛକୁ ଅନାଇ ଦେଖିଲା - ହୀରା । ତା'ର





INVITATION

SUNDAY MEETING AT 10 AM
VENUE-R.S TUTARIAL, INFRONT OF CHRIST COLLEGE MAIN GATE,
SURYALOK LANE CHANDI CHACK, CUTTACK
COLLECT ID CARD AND GET INFORMATION.

ଦୁଇ ହାତରେ ଲାଞ୍ଜ ବିଶିଷ୍ଟ କ'ଣ ଦୁଇଟା । ଗୋଟିଏରେ ଚୋଟ ମାରିଛି ତା'ର ଲାଞ୍ଜକୁ । ଏଥର ବୋଧେ ତା'ର ମୁଣ୍ଡକୁ ମାରିବ । ତେଣୁ ସେ ଯୁଗଧରକୁ ଧରିବ କ'ଣ ? ହୀରା ଯେ ତାକୁ ଧରି ପକାଇବ । ତେଣୁ ଆଗେ ହୀରାଠୁ ବର୍ଞ୍ଚିବା ଦରକାର । ହୀରା ଯଦି ତାକୁ ଧରେ ତା'ର କ'ଣ କରିବ ତାକୁ ଜଣାନାହିଁ । ନିଶ୍ଚୟ ବନ୍ଧୁ ଭାବରେ ଅଲିଙ୍ଗନ କରିବ ନାହିଁ । ସେ ନିଜେ ଯୁଗ୍ଧରର ଯାହା କରିଥାନ୍ତା ହୀରା ନିଶ୍ଚୟ ତାକୁ ତାହା କରିବ - ଏମିତି ଭାବି ସେ ଆଗକୁ ଦୌଡ଼ି ପଳାଇଲା ।

ହୀରା ଦେଖିଲା - ଭୟରେ ଦୌଡୁଛି ଯୁଗ୍ଧର । ତା'ହାତରୁ ଟାଙ୍ଗିଆଟା ଖସିଗଲା । ଟାଙ୍ଗିଆଟା ଗୋଟେଇବା ବେଳକୁ ବାଘ ଧାଇଁଲା ଯୁଗ୍ଧର ପଛରେ । କ'ଣ କରାଯାଏ ? କିଛି ବୁଝି ନ ପାରି ସେ ବି ଧାଇଁଲା ବାଘ ପଛରେ । ଦୁଇ ହାତରେ ଦୁଇଟା ଟାଙ୍ଗିଆ । ପାଟିରେ ହେଇ ହେଇ ବୋଲ୍ । ଯେତେବେଳେ ଯୁଗ୍ଧର ପଡ଼ିଗଲା, ବାଘ ତା'ଉପରେ ମାଡ଼ିବସିବାକୁ ଯାଉଛି ବାଁ ହାତରେ ଟାଙ୍ଗିଆର ବେଣ୍ଟଟା ଦେଇ ମାରିଲା ବାଘକୁ ପାହାରଟାଏ । ପାହାରଟା ବାଜିଲା ବାଘର ଲାଞ୍ଜରେ । ବାଘ ଆଉ ଯୁଗ୍ଧର ଉପରେ ମାଡ଼ିବସିପାରିଲା ନାହିଁ । ଦୌଡ଼ି ଆଗେଇ ଗଲା ଆଗକୁ । ସେ ବି ଟିକିଏ ଆଗେଇଯାଇ ଫେରିଆସିଲା ଯୁଗ୍ଧର ପାଖକୁ । ଯୁଗ୍ଧରର ହାତ ଧରି ଟାଣି ଉଠାଇଲା । ଯୁଗ୍ଧର ଭୟରେ ଠିଆହୋଇପାରୁନ୍ଥିଲା । ହୀରା ତା'ଗାଲରେ କୁଇଣ୍ଟାଳିଆ ଚାପୁଡ଼ାଟାଏ ବଜାଇ କହିଲା - ଭୟ ପାଇଲେ ବାଘ ଦେଖିବାକୁ ଆସିଲୁ କାହିଁକି ? ଚାପୁଡ଼ା ଖାଇ ଯୁଗ୍ଧରର ସମ୍ବିତ୍ ଫେରିଲା । ସେ ଠିଆହେଲା । ହୀରା ତାକୁ ତା'ର ଟାଙ୍ଗିଆଟା ଧରାଇ ଦେଇ କହିଲା - ଚାଲ୍ ଘରକୁ । ଯୁଗ୍ଧର ଦେଖିଲା, ସାମ୍ନାରେ ବାଘ । ସେ ଯିବାକୁ ରାଜି ହେଲାନାହିଁ । ହୀରା ତାକୁ ଟାଣି ଟାଣି ନେଇ ଆଗେଇ ଚାଲିଲା ବାଘ ଆଡ଼କୁ ନିଜ ଗାଆଁ ଆଡ଼କୁ ।

ସାମ୍ନାରେ ବାଘଟା ବସିଥିଲା । ଦୁହିଁଙ୍କୁ ଲକ୍ଷ୍ୟ କରୁଥିଲା । ତା' ସମ୍ନା ଦେଇ ଯେତେବେଳେ ଏମାନେ ଯିବେ ସେ ଧୀରେ ଜଙ୍ଗଲ ଭିତରକୁ ଖସିଯାଇ ଏମାନଙ୍କ ଯିବାର ରାସ୍ତାଟା ବିପଦମୁକ୍ତ କରିଦେଲା । ତା'ମନରେ କିନ୍ତୁ ଦୁଃଖ ହେଉଥିଲା - ଭଲ ଖେଳଟା ଚାଲିଥିଲା । ଯୁଗ୍ଧର ନ ପଡ଼ିଲେ ମଜା ହୁଅନ୍ତା । କିନ୍ତୁ ତା' ଲାଞ୍ଜଟା ? ଓଃ, ଏଇଟା ଯେ ଫୁଲିଯାଇଛି । କି ବ୍ୟଥା !

ଗାଆଁରେ ଫେରିଆସିଲା ପରେ ଯୁଗ୍ଧରର ଗାଲରେ ପାଞ୍ଚଟା ଆଙ୍ଗୁଠିର କଅଁଳ ଛାଞ୍ଚ ଦେଖି ସମସ୍ତେ ପଚାରିଲେ- ଏ କ'ଣ ? ହୀରା ଉତ୍ତରଦେଲା - ବାଘମାମୁ ଟିକିଏ ଆଦର କରି ଦେଇଛି । ଯୁଗ୍ଧର କହିଲା - ଆମ ହୀରା କାଚକୁ ମଧ କାଟିଦିଏ । ତେଣୁକରି ବାଘକୁ ଚାପୁଡ଼ା ମାରି ମୋତେ ବଞ୍ଚାଇଛି । ସେହି ଚାପୁଡ଼ାର ଚିହ୍ନଟା ବାଘର ଗାଲରେ ନ ଉଠି ମୋ' ଗାଲରେ ଉଠିଲା କେମିତି କେଜାଣି !

ବିଶ୍ୱନାଥ ଭିଲ୍ଲା, ବିବେକାନନ୍ଦ ମାର୍ଗ, ପୁରୁଣା
ଭୁବନେଶ୍ୱର ।

୦୦୦୦

# ସୃଷ୍ଟିକର୍ତ୍ତା ଜଣେ ପୁରୁଷ

**ଅଶୋକ କୁମାର ସେଠୀ**

'ଘରକୁ ସୁନ୍ଦର ଦିଶେ ଘରଣୀ ଥିଲେ' କାରଣ ଘରଣୀ ସମସ୍ତଙ୍କ ମନକୁ ନିଏ କିଣି । କାମ କରିଯାଏ ସମସ୍ତଙ୍କ ମନ ଜାଣି; କିନ୍ତୁ ଘରଣୀର ଗୋଟିଏ ସୁନ୍ଦର କୋମଳ ମନ ଅଛି, ଏକଥା କେହି ବୁଝନ୍ତି ନାହିଁ । ସେ ଗୋଟିଏ ମଣିଷ । ତା'ର କିଛି କହିବାର ଅଧିକାର ଅଛି, ଏହି କଥା କେହି ବୁଝନ୍ତି ନାହିଁ ।

ଆଖିରୁ ଟୋପା ଟୋପା ଲୁହ ଢ଼ାଳି କାନ୍ଦୁଥାଏ ପ୍ରତିମା । ସତେଯେପରି ଏ ଘରେ ସେ କ୍ରୀତଦାସଟିଏ । ରାତିରେ ଡେରିରେ ଶୋଇବ, ସକାଳୁ ଶୀଘ୍ର ଉଠିବ । ଦିନରେ ଘରର ସମସ୍ତଙ୍କର କଥା ବୁଝିବ । ତା' ସହିତ ନିଜ ସନ୍ତାନର ଦାୟିତ୍ୱ ନେବ । ସେ ଘରର ବୋହୂ ଓ ମା'ଟିଏ । ରାତିରେ ସ୍ୱାମୀର ମନ ଜାଣି ସୁଖ ଦେବ, ଫୁଲପରି ସଜାଇ ହୋଇ ହସୁଥିବ । କିନ୍ତୁ ଫୁଲର ମନ କେହି ବୁଝିବେ ନାହିଁ । କେତେଦିନ ଏମିତି ଚାଲିଥିବ ।

ପ୍ରତିମା ଅଶିକ୍ଷିତା ଝିଅଟିଏ ନୁହେଁ । ପଦାର୍ଥ ବିଜ୍ଞାନରେ ସେ ପିଜି କରିଛି । ସହରର ବରିଷ୍ଠ ଡାକ୍ତର ଜ୍ଞାନରଞ୍ଜନ ମହାନ୍ତିଙ୍କର ପୁତ୍ରବଧୂ, ଜ୍ଞାନବାବୁଙ୍କର ପୁଅ ଆସିଷ୍ଟାଣ୍ଟ୍ ଇଞ୍ଜିନିୟର । କୌଣସିଥିରେ ଅଭାବ ନାହିଁ । କିନ୍ତୁ ଗୋଟିଏ ଅଭାବ ଏ ଘରେ ନାରୀର ସ୍ୱାଧୀନତା ନାହିଁ । କିଛି କହିବାର ଅଧିକାର ନାହିଁ । ଘରଟି ସଂପୂର୍ଣ୍ଣ ପୁରୁଷପ୍ରଧାନ୍ୟ । ତାଙ୍କ ଶାଶୂ କୁହନ୍ତି, ସିଏ ବି ଚୁପଚାପ୍ ସବୁ ସହି ରହିଛନ୍ତି । ତୋତେ ବି ସେମିତି ସବୁ ସହିବାକୁ ପଡ଼ିବ । ସ୍ୱାମୀର କଥାରେ ଚଳିବ । କୌଣସି କଥାର ଜବାବ୍ ଦେଇପାରିବ ନାହିଁ ।

ସେଦିନ ପ୍ରତିମା ତା'ର ଜଣେ ସାଙ୍ଗ ସହିତ ଫୋନ୍‌ରେ କଥା ହେଉଥିଲା । ରବୀନ୍ଦ୍ର ବୋଲି ସାଙ୍ଗଟି । କଲେଜର ପଦାର୍ଥ ବିଜ୍ଞାନର ଛାତ୍ରୀ ଥିବାବେଳର ସାଙ୍ଗ । ତା' ସହିତ ହସି ହସି ଫୋନ୍‌ରେ କଥା ହେଉଥିଲା । ତା'ର ସେଇଟା ବ୍ରହ୍ମହତ୍ୟା ଭଳି ବିରାଟ ଅପରାଧ ହୋଇଗଲା । ସ୍ୱାମୀ ତା'ର ପଚାରିଲା କିଏ ଫୋନ୍ କରିଥିଲା । ପ୍ରତିମା କହିଲା, ମୋର କଲେଜର ସାଙ୍ଗ ରବୀନ୍ଦ୍ର । ସ୍ୱାମୀ ସଙ୍ଗେ ସଙ୍ଗେ ତାଚ୍ଛଲ୍ୟ କରି କହିଲେ ଓଃ ତୁମର ବୟ ଫ୍ରେଣ୍ଡ୍ ! ପ୍ରତିମା ହସି ହସି କହିଲା ହିଁ, ପିଜି ବେଳର ସାଙ୍ଗଟିଏ । ପ୍ରତିମା ଭାବିଲା, ସ୍ୱାମୀ ତା'ର ଗେଲରେ କହୁଛନ୍ତି ।

ହଠାତ୍ ତାଙ୍କର କଣ୍ଠସ୍ୱର ବଦଳିଗଲା । ହଠାତ୍ ମୁହଁକୁ କେମିତି କରି ତାଗିଦ୍ କରି କହିଲେ, ଅବିବାହିତବେଳେ କଲେଜ ଜୀବନରେ ଯେତିକି ଫୂର୍ତ୍ତି ଫାଜିଲାମି କରିଛ, ଏବେ ସେ ଅଭ୍ୟାସ ସବୁ ଛାଡ଼ ।

ପ୍ରତିମା ରାଗିଗଲା । ତୁମେ ମୋତେ ଏମିତି କାହିଁକି କହିଲ । ମୁଁ ତୁମକୁ କେବେବି ସନ୍ଦେହ କରିନି । କେବେ ତୁମ ଫୋନ୍‌ର ଇନ୍‌କ୍ୱାରୀ କରିନି । ମୋର ସାଙ୍ଗ ଜଣେ ଫୋନ୍‌ରେ କଥା ହେଉଥିଲା । କ'ଣ ଅସୁବିଧା ହେଲା । ତୁମେ ଏତେ ମିନ୍, ମୁଁ ଜାଣି ନଥିଲି ତୁମ ପୁରୁଷ ଜାତିଟା ସନ୍ଦେହୀ । ସେହି ସନ୍ଦେହରେ ପ୍ରଭୁ ରାମଚନ୍ଦ୍ର ନିଜ ସ୍ତ୍ରୀଙ୍କୁ ବନବାସ କଷ୍ଟ ଦେଇଥିଲେ । ଦୁନିଆକୁ ଆଦର୍ଶ ଦେଖାଇବା ପାଇଁ ନିଜ ସ୍ତ୍ରୀକୁ ଦ୍ୱିତୀୟବାର ଅଗ୍ନିପରୀକ୍ଷା ଦେବାକୁ କହିଥିଲେ ।

ହଠାତ୍ ତା'ର ସ୍ୱାମୀ ରାଗିଯାଇ ତା'ଗାଲରେ ଠୋ କରି ଚଟକଣିଟିଏ ପକାଇଲେ । ବହୁତ କଥା ମଧ କହିଲେ । ଯୋଉ ସ୍ୱାମୀ ରାତିରେ ଶୋଇଲାବେଳେ କଅଁଳିଆ ଛୁଆଟିଏ ଭଳି ତା'ପାଖରେ ଗେଲ ହୁଅନ୍ତି, ଆଜି ହଠାତ୍ ତାଙ୍କର ସ୍ୱଭାବ ବଦଳିଗଲା । ରାଗିକରି ପୁଣିଥରେ କହିଲେ, ଏଇଟା ତୁମର ପ୍ରଥମ ଭୁଲ୍, ତୁମକୁ ଛାଡ଼ିଦେଲି । ଆଉ ଯଦି ଏମିତି ବାରମ୍ବାର ଫୋନ୍ ଆସେ, ମୋ'ମୁହଁରେ ଜବାବ୍ ଦିଅ, ତାହାହେଲେ ତୁମେ ବାପଘରକୁ ଚାଲିଯିବ । ଆଉ ସେଇଠି ତୁମର ପୁରୁଣାବନ୍ଧୁମାନଙ୍କ ସହ ମସ୍ତି କରିବ, ଏତିକି କହି ପଳାଇଗଲେ । ପ୍ରତିମା କାନ୍ଦିବାକୁ ଲାଗିଲା । ଘରର ଚାରିକାନ୍ଥ ଭିତରେ କାନ୍ଦିବା ଛଡ଼ା ତା'ର ଆଉ କିଛି

କରିବାର ନଥିଲା । ସେ କାନ୍ଦିକରି ନିଜର ମା'ଙ୍କୁ ସବୁ କଥା ଫୋନ୍‌କରି ଜଣାଇଲା । ତା'ର ବାପା ଓ ମା' ଦୁଇଜଣଯାକ କହିଲେ, ମା'ତୋତେ କେତେ କଷ୍ଟରେ ଯାନିଯୌତୁକ ଦେଇ ଏତେ ବଡ଼ ଘରେ ବାହା କରିଛୁ ତେଣୁ ତୁ ସାଙ୍ଗସାଥୀଙ୍କ ସହିତ ଫୋନ୍‌ରେ ଗପ ନାହିଁ । ତୋର ମୋବାଇଲ୍ ନମ୍ବର ବଦଳାଇ ଦେ । ଜ୍ବାଇଁଙ୍କର କଥା ମାନି ଚାଲ୍ । କାରଣ ବୈବାହିକ ଜୀବନ ଥରେ ବିଛେଦ ହେଲେ ଜୀବନ ବହୁତ କଷ୍ଟଦାୟକ । ତୁ ପରା ଦୁହିତା ଦୁଇ କୁଳକୁ ହିତା, ମା' ମଧ୍ୟ ସେହି କଥା କହିଲା । ଆମେ ପରା ଝିଅ ଜନମ ପାଇଛେ । ଏ ସମାଜ ପୁରୁଷପ୍ରଧାନ ସମାଜ । ପରିବର୍ତ୍ତନ ପାଇଁ ବହୁତ ସମୟ ଲାଗିବ । ତା'ର ଶାଶୂ ମଧ୍ୟ ସେହି କଥା ବୁଝାଇଲେ କ'ଣ କରିବି ମା', ମୁଁ ବି ଏମିତି ଅନେକ ଦୁଃଖକଷ୍ଟ ସହିଚି । ସେମିତି ମୁହଁ ବନ୍ଦକରି ବସିଚି । ପ୍ରତିମା ଭାବିବାରେ ଲାଗିଥାଏ କ'ଣ କରିବ, ଏଥିପାଇଁ ସମଗ୍ର ନାରୀ ଜାତିକୁ ସଚେତନ କରିବାକୁ ପଡ଼ିବ । ଏ ସମାଜରେ ପରିବର୍ତ୍ତନ ଆଣିବାକୁ ହେଲେ, ଆନ୍ଦୋଳନ କରିବାକୁ ପଡ଼ିବ । ଦେଶର ସ୍ୱାଧୀନତା ଆନ୍ଦୋଳନ ପରି ଏ ଆନ୍ଦୋଳନରେ ଶହୀଦ ହେବା ସହିତ କେତେ ଯେ ଘର ଭାଙ୍ଗିବ, ତା'ର ସୀମା ନାହିଁ । ଜନସମର୍ଥନ ମିଳିବ ତ ! ନାରୀମାନେ ନିର୍ଯ୍ୟାତନ ବିରୋଧରେ ଘର ଛାଡ଼ି ଆଗକୁ ଆସିବେ ତ !

ପ୍ରତିମା ସବୁ ଭାବି ଭାବି ଯୁଦ୍ଧରେ ପରାସ୍ତ ସୈନିକ ଭଳି ସବୁ ସହି ଚୁପ୍ ରହିବା ଛଡ଼ା ଆଉକିଛି କରିପାରିବ ନାହିଁ । କାରଣ ସୃଷ୍ଟିକର୍ତ୍ତା ବ୍ରହ୍ମା ଜଣେ ପୁରୁଷ । ସେ ନିୟମ ପୁରୁଷକୁ ସୁହାଇଲା ଭଳି କରିଛନ୍ତି । ସେଥିପାଇଁ ତାଙ୍କର ମନ୍ଦିର ନାହିଁ । ତାଙ୍କୁ କେହି ପୂଜା କରନ୍ତି ନହିଁ । ତେଣୁ ଆଖି ଲୁହ ଓ ପିଇବା ଛଡ଼ା ଆଉ କ'ଣ ବା କରିବା ।

ଆଲୋକନଗର, ବଲାଙ୍ଗିର

୦୦୦୦




# R. S. TUTORIALS

SURYALOKA LANE, CHANDI CHHAK, CUTTACK

*Admission Open !* *Admission Open !*

**A Complete Coaching for**

**+2 Arts & Commerce**
**+3 Arts (Hons, Elective, Pass)**

**Special Coaching for : Spoken English**
**And also M. A. Entrance, (Pol. Science)**

Contact : 9861462581, 9861816123

# ଗାଁ ମୁଣ୍ଡ ବରଗଛ, ପାଳଭୂତ ଓ ଅଫେରା ଅତୀତ

ନଳିନୀପ୍ରଭା ମିଶ୍ର

ଗାଁ ମୁଣ୍ଡ ବରଗଛ ଲୋ କୋଇଲି
ଦିଶଇ କେଡ଼େ ସୁନ୍ଦର
ପରକୁ ଆପଣା କରିଗଲେ ସିନା ଘର ହେବ ସ୍ୱର୍ଗପୁର
ପାଳଭୂତ ସାକ୍ଷୀ ତୋ'ର ଲୋ
ଚାଲିଯିବୁ ଶାଶୂଘର .....

ଅତୀତ ପାଠପଢ଼ା ସମୟର ହାତଲେଖା ସେ ଗୀତ ଧାଡ଼ିରୁ କେଇପଦ ମନେପକେଇବାକୁ ଲାଗିଲା ନମିତା । ମଝି ଅଗଣାରୁ ଖରା ଘୁଞ୍ଚି ଘୁଞ୍ଚି ଗଲାଣି । ଆଉକିଛି ସମୟ ପରେ ବେଳ ଲେଉଟାଣି ସମୟ ଆସିଯିବ । ଠିକ୍ ତା'ରି ବୟସର ପରିବର୍ତ୍ତନ ଭଳି । ଆଙ୍ଗୁଠିରେ ଗଣିଚାଲିଲା । ବିଭାଘରର ପନ୍ଦରଟି ବର୍ଷ ବିତିଗଲାଣି । କାଲି ପରି ଲାଗୁଛି । ନରେଶଙ୍କ ହାତ ଧରି ସେ ଏ ଘରକୁ ବୋହୂ ହୋଇ ଆସିଥିଲା । ଶୈଶବରୁ କୁମାରୀ, କୁମାରୀରୁ ଯୌବନରେ ପାଦ ଥାପି ବୋହୂ ହୋଇ ଆସିବାର ଯେ କି ମାଦକତା ତାକୁ ବର୍ଣ୍ଣନା କରିବା କଷ୍ଟକର । କୋହ ମିଶା ମନରେ ଭରି ରହିଥିଲା କିଛି ଅଜଣା ପୁଲକ । କିଛି ହଜାଇ କିଛି ପାଇବାର ଆଶା । ଗାଡ଼ି ଥୁଆ ହୋଇଥିଲା ତାକୁ ନେଇଯିବା ପାଇଁ, ହାତରେ ଆଞ୍ଜୁଳି ଚାଉଳ ଧରି ଘରୁ ବିଦା ହୋଇ ଆସି ଗାଁ' ମୁଣ୍ଡ ବରଗଛ ତଳେ ବସିଥିବା ଠାକୁରାଣୀଙ୍କ ପାଖରେ ମୁଣ୍ଡିଆ ମାରିଥିଲା । ଗାଡ଼ି ମାଡ଼ି ଚାଲିଲା ଆଗକୁ ଆଗକୁ । ପଛରେ ରହିଯାଇଥିଲା ଅତିଆପଣାର ଗାଁ ମାଟି, ବାପଘର, ଆଉ ଗାଁ ମୁଣ୍ଡ ବରଗଛ, ପିଲାବେଳର ଖେଳସାଥୀ, ଯେଉଁଠି ସେ ତା'ର ପିଲାବେଳର ଅଧିକାଂଶ ସମୟ ଗାଁ'ର ସାଙ୍ଗସାଥୀମାନଙ୍କ ସହିତ କଟାଉଥିଲା । ବରଗଛ ତଳେ ଠାକୁରାଣୀଙ୍କ ପାଖକୁ ଲାଗି ଚଉତରାଟିଏ । ସେଠି ବୋହୂବୋହୂକା, ପୁଚି, କଉଡ଼ି ଖେଳ ଭିତରେ ଭାରି ମଜା ଲାଗୁଥିଲା । ସେଠି ହେଉଥିଲା କଣ୍ଢେଇ ବାହାଘର, ମିଛିମିଛିକା ବୋହୂ, ଉଖୁଡ଼ା, ମୁଢ଼ି, ଚଣାର ଭୋଜି । ରୁଚି, ମିନି, ରାଜୀବ, ଗଗନ ଏ ସମସ୍ତେ ପିଲାବେଳର ସାଙ୍ଗ । ଖେଳ ଭିତରେ ରାଗ, ରୁଷା, ମାନ, ଅଭିମାନ, ସ୍ୱାମୀ-ସ୍ତ୍ରୀର ମିଛିମିଛିକା ଅଭିନୟ....। ଗଗନ ନାଁ'ଟା ମନେପଡ଼ିଲା ମାତ୍ରେ ଛାତି ଭିତରେ କିଛିଟା ଶୂନ୍ୟତା ଅନୁଭବ କଲା ନମିତା । ଗଗନକୁ ନେଇ ତା'ର ଏତେ ଦୁର୍ବଳତା କାହିଁକି ? ସେ ଏବେ ନରେଶଙ୍କ ଧର୍ମପତ୍ନୀ । ହିନ୍ଦୁ ନାରୀର ପତିବ୍ରତ୍ୟ ଧର୍ମ ଅନୁସାରେ ମନ ଭିତରେ ପରପୁରୁଷର ଛାଇ ମାଡ଼ିବା ମହାପାପ । ତଥାପି.... କାଲି ଗଗନ ତା'ର ମୋବାଇଲ୍‌ରୁ ମେସେଜଟିଏ ପଠାଇଥିଲା । ଗତକାଲି ଥିଲା 'ଭାଲେଣ୍ଟାଇନ୍ ଡେ' । ତା'ହେଲେ ଏବେ ବି ଗଗନର ହୃଦୟ ଭିତରେ ସେ ଅଭୁଲା ସ୍ମୃତିଟିଏ ହୋଇ ରହିଛି । ମନେପଡ଼ିଯାଉଥିଲା ବରଗଛ ତଳର ସେହି ମିଛିମିଛିକା ଖେଳ ଭିତରେ କେତେବେଳେ ଯେ ଯୌବନ ଆସି ତା ତନୁ ବଲ୍ଲରୀକୁ ଛୁଇଁ ଯାଇଥିଲା, ଶାରୀରିକ ପରିବର୍ତ୍ତନ ସାଙ୍ଗକୁ ଲାଜଲାଜ ଭାବ ଶିହରଣ ଏମିତି ଅନେକ କିଛି । ଗଗନ ବି ଯୁବକର ଆରମ୍ଭରେ ଉପନୀତ ହୋଇସାରିଥିଲା । ବରଗଛ ତଳର ଖେଳ ଛାଡ଼ି ତାକୁ ଏଣିକି ଆକଟର ସୀମା ଭିତରେ ରହିବାକୁ ପଡ଼ିଲା । ସ୍କୁଲକୁ ଯିବା ବାଟରେ ପଡ଼େ ବିଲ । ବିଲ ଡେଇଁଲେ ସରୁ ମାଟି ସଡ଼କଟିଏ । ସଡ଼କ ଶେଷମୁଣ୍ଡେ ବିଦ୍ୟାଳୟ । ତାକୁ ଚାଲି ଚାଲି ଯିବାକୁ ପଡ଼େ । ବିଲ ମଝିରେ ଠିଆ ପାଳଭୂତଟାଏ ପବନରେ ଦୋହଲୁଥାଏ । ଗଗନ ଯାଏ ପାଖ ଗାଁ କଲେଜକୁ ।

ପାଳଭୂତର କଡ଼ରେ କେଉଁଠି ଲୁଚି ରହିଥାଏ କେଜାଣି ଗଳା ଖଙ୍କାର ମାରେ । ଭାରି ଡର ଲାଗେ ନମିତାକୁ । ଚମକିପଡ଼ି ଛାତିରେ ଛେପ ନେଣ୍ଡାଏ ପକେଇଦେଲାବେଳେ ଗଗନ ଫେଁ କରି ହସି ନମିତା ଆଗକୁ ଆସି ତା' ହାତଟିକୁ ଧରିପକାଏ । ଭାରି ଲାଜ ମାଡ଼େ ନମିତାକୁ, କାଳେ କିଏ ଦେଖିନେବ । କିନ୍ତୁ ସେ ଲାଜ ଭିତରେ ଥାଏ ମାଦକତା, ମନକୁ କିଣିନେବାର, ଅନ୍ୟକୁ ଆପଣେଇ ନେବା ଭିତରେ ସୃଷ୍ଟି ହୋଇଯାଏ ଏକ ଅୟୁତ ଯୁଗର ସମ୍ପର୍କର ସେତୁଟିଏ । ହଠାତ୍ କିଛି ଖସ୍‌ଖସ୍ ଶବ୍ଦରେ ସତର୍କ ହୋଇଯାଏ ଗଗନ । ଦୁହିଁଙ୍କ ଭିତରେ ସତର୍କତା ସୃଷ୍ଟି ହୋଇଯାଏ । ବସ୍‌ଟାଏ ଦୂରରୁ ଧୂଳି ଉଡ଼ାଇ ଆଗେଇ ଆସେ । ଗଗନ ଚଢ଼ିଯାଏ, ଗାଡ଼ିର ଗତି ଆଗକୁ ଆଗକୁ ଅତିକ୍ରମି ଯାଏ । ନମିତାକୁ ତା'ର ରୁମାଲ୍ ହଲାଇ ବଧେଇ ଜଣାଏ ଗଗନ । ଆଉ ଦିନେ ପୁଣି ଦେଖାହେଲେ ଗଗନ ପଚାରେ ନମିତାକୁ, "ମୋ' ମୁଣ୍ଡ ଛୁଇଁ କହିଲୁ, ତୁ ମୋତେ ଭଲପାଉ ନା ନାହିଁ ।" ଜିଭ କାମୁଡ଼ିପକାଏ ନମିତା, ଏମିତି ଅଲକ୍ଷଣିଆ କଥାଗୁଡ଼ା ତୁଣ୍ଡରେ ନ ଧରିବାକୁ ମନାକରେ । ପାଳଭୂତକୁ ପଚାରି ବସେ, ଗଗନ ସତ କହିଲୁ, ପାଳଭୂତ ନମିତା ମୋତେ ଭଲ ପାଏନା ନାହିଁ । ପାଳଭୂତଟା ପବନରେ ଦୋହଲି ଦୋହଲି ହଁ ଭରିଦିଏ । ସତେଯେପରି ଏ ପାଳଭୂତଟା ତାଙ୍କ ମିଳନର ସାକ୍ଷୀ ।

ଏହିପରି ଦିନ ପରେ ଦିନ ଗଡ଼ିଚାଲେ । ଗଗନ ତା'ର କଲେଜ ପଢ଼ା ଶେଷକରି ଚାକିରି ଖଣ୍ଡିଏ ପାଇ ଚାଲିଯାଏ ତା'ର କର୍ମ କ୍ଷେତ୍ରକୁ । ଆଉ ନମିତା ଦଶମ ଶ୍ରେଣୀ ପାସ୍ କଲାପରେ ତା'ର ପୋଥିରେ ଡୋରି ବନ୍ଧା ହୋଇଗଲା । ଗଗନ ହୋଇଗଲା ପରଦେଶୀ ଓ ସେ ଥିଲା କେଉଁ ଅନାମଧେୟ ଗାଁର ନହୁଲୀ ଝିଅ । ମଝିରେ ମଝିରେ କେବେ ଗଗନ ଗାଁକୁ ଆସିଲେ ନମିତାର ଘର ଆଗଦେଇ ଥରେ ଦୁଇଥର ପାଇଁ ପଇଁତରା ମାରେ । ଦୁଇଜଣଙ୍କ ଭିତରେ କିଛିଟା ଦେଖାସାକ୍ଷାତ୍ ପାଇଁ ମନରେ ଆଶା ଥିଲେ ମଧ୍ୟ ସମାଜର ଲକ୍ଷ୍ମଣ ରେଖା ଡେଇଁଯିବାକୁ ଗଗନ ଓ ସେ କେବେ ବି ଦୁଃସାହସ କରିପାରୁ ନଥିଲେ । ନିଜ ନିଜର ବିବେକକୁ ଲଗାମଛଡ଼ା କରିବାକୁ ଚାହୁଁ ନଥିଲେ । ପାରିବାରିକ ଅସୁବିଧା ଯୋଗୁଁ ନମିତା ଅଧିକ ପାଠପଢ଼ି ନ ପାରି ବାହା ହୋଇ ଶାଶୂଘର ଚାଲିଆସିଥିଲା । ଚାକିରୀର ତାଡ଼ନାରେ ଗଗନ ତା' ବାହାଘରକୁ ଆସିପାରି ନ ଥିଲେ ସୁଦ୍ଧା ଗୋଟିଏ ଆଲବମ୍ ସହ ନମିତା ଏବଂ ଗଗନର ଦାମ୍ପତ୍ୟ ଜୀବନର ଶୁଭକାମନା କରି ପତ୍ର ଖଣ୍ଡିଏ ପଠାଇଥିଲା ।

ନମିତା ଏବେ ଦୁଇ ସନ୍ତାନର ଜନନୀ । ଦୁଇଟି ପୁତ୍ରକୁ ସେ ଓ ସ୍ୱାମୀ ନରେଶ ଉପଯୁକ୍ତ ଶିକ୍ଷା ପ୍ରଦାନ କରି ଭଲ ମଣିଷ କରିବା ପାଇଁ ସତତ ଚେଷ୍ଟିତ । ଏସନ ପୂଜାଛୁଟିରେ ଗାଁ'କୁ ଯାଇଥିଲା ନମିତା । ବାପା ବୋଉ କେବେଠୁ ଆରପାରିକୁ ଚାଲିଗଲେଣି । ଭାଇ ଚାକିରି ଖଣ୍ଡିଏ ପାଇ ସୁଦୂର ସହରରେ ରହନ୍ତି । ଘରେ କେବଳ ଅଛି ବିଧବା ପିଉସୀ ନାନୀ, ଯେ କି ବାଳବିଧବା ହୋଇ ବାପଘରକୁ ଆଶ୍ରା କରି ପଡ଼ି ରହିଥିଲା । ନମିତାକୁ ସେ ପିଲାବେଳୁ କୋଳେଇ କାଖେଇ ମଣିଷ କରିଥିଲା । ପିଉସୀ ନାନୀ ଏବେ ଚାରିକୋଡ଼ି ସରିକି ବୟସର ମଣିଷ । ହେଲେ ବାର୍ଦ୍ଧକ୍ୟ ତାଙ୍କ ମନକୁ ଛୁଇଁପାରି ନାହିଁ । ବାଡ଼ିଟିଏ ଧରି ନଇଁ ନଇଁ ଏ ଘରକୁ ସେ ଘର ବୁଲି ଆସୁଥିବେ । ଚଷମାଟିଏ ଆଖି ନାଇ କି ରାତି କି ଦିନ ଭାଗବତ ପଢ଼ି ଚାଲିଥିବେ । ବାପା ବୋଉଙ୍କୁ ମନେପକାଇ ନମିତା ବହେ କାନ୍ଦିବାକୁ ଲାଗିଲା । ଗାଁ ମୁଣ୍ଡ ବରଗଛଟି ସେହିପରି ଠିଆହୋଇଛି । ଗାଁ'ର ରୂପରେଖ ଆଧୁନିକତାରେ ବଦଳି ଯାଇଥିଲେ ମଧ୍ୟ ବରଗଛଟି ତା'ର କାୟା ବିସ୍ତାର କରି ସେହିପରି ଠିଆହୋଇଛି । ବରଗଛ ତଳେ ଚାନ୍ଦିନୀ ଉପରେ ବସିଥିବା ଠାକୁରାଣୀଙ୍କ ପାଇଁ ଛୋଟ ମନ୍ଦିରଟିଏ ତିଆରି ହୋଇଛି । ବାର ମାସରେ ସେହିପରି ତେର

ପରବରେ ଠାକୁରାଣୀଙ୍କ ମନ୍ଦିରରେ ଭୋଗ ଲାଗୁଛି । ମନ୍ଦିର ପାଖକୁ ଗଲାବେଳେ ଚାନ୍ଦିନୀ ଉପରେ ନଜର ପଡ଼ିଲା ନମିତାର । ଚାନ୍ଦିନୀଟିର ଆୟତନ ବୃଦ୍ଧି ହୋଇଛି । କଡ଼କୁ ଲାଗି ସାଲୁବାଲୁ ହୋଇ ବଢ଼ି ଉଠୁଥିବା ଲାଜକୁଳୀ ଲଟା ଆଉ ନାହିଁ, ଯାହାର ପତ୍ରଗୁଡ଼ିକୁ ଛୁଇଁ ସେ ଓ ଗଗନ ମଜା ଉଠାଉଥିଲେ । ଶୁଣୁଥିଲା ଗଗନ କୁଆଡେ ଏବେ ବି ଅବିବାହିତ । ହେଲେ ତା' ଅବିବାହିତତାକୁ ନେଇ ନମିତା ମନରେ ଅନେକ ଅନେକ ପ୍ରଶ୍ନବାଚୀ । କାରଣ ଖୋଜି ବସିଲେ ମନରେ ସୃଷ୍ଟି ହୋଇଯାଏ ଜିଜ୍ଞାସା । ଜିଜ୍ଞାସା ବଳବତ୍ତର ହେଲେ ମନ ଆନ୍ଦୋଳିତ ହୁଏ । ଭାବନାର ଅଡୁଆ ସୂତା ଭିତରେ ମନ ଛନ୍ଦି ହୋଇଯାଏ । ଦୀର୍ଘଶ୍ୱାସ ପକାଇଲା ନମିତା । ଗଗନଟା ଖରାପ ପିଲ ନୁହେଁ । ତା'ଛଡ଼ା ଗଗନ ପରି ପାତ୍ର ପାଇଁ କ'ଣ କନ୍ୟାର ଅଭାବ । କେଉଁ ଏକ ଭୀଷ୍ମ ଶପଥ ନେଇ ସେ ଆଉ ଅବିବାହିତ ରହିଯାଇନି ତ ! ଏମିତି ଅନେକ ପ୍ରଶ୍ନବାଚୀ ଭିତରୁ ଗୋଟିଏ ବି ନିର୍ଦ୍ଦିଷ୍ଟ ଉତ୍ତରରେ ସେ ଉପନୀତ ହୋଇପାରୁ ନଥିଲା ।

ପିଲାଦିନର ସାଙ୍ଗମାନଙ୍କ ଭିତରୁ କେଇଜଣ ପୂଜା ଛୁଟିରେ ମଜା ନେବାପାଇଁ ସ୍ୱାମୀ ଓ ପିଲାମାନଙ୍କ ସହ ଗାଁ'କୁ ବୁଲିଆସିଛନ୍ତି । ସହର ଅପେକ୍ଷା ଗାଁ'ରେ ପୂଜାଛୁଟିରେ ମଜା ବେଶି ନିଆରା । ଜହ୍ନିଫୁଲିଆ ସଞ୍ଜ, ଜହ୍ନ ଓଷାର ବେଳ, ଗାଁ ମନ୍ଦିରର ସଞ୍ଜ ଆଳତି, କାଶତଣ୍ଡୀର ହାଟ ସବୁକିଛି ମିଶି ତା' ମନକୁ ଆମୋଦିତ କରିଥିବାବେଳେ ଗଗନର କଥାକୁ ସେ ବେଶି ମନେପକାଉଥିଲା । ବିଶେଷକରି ତା'ର ଅବିବାହିତ ରହିବାର କଥା । ନିଜକୁ କିଛିକ୍ଷଣ ପାଇଁ ଦୋଷୀ ମନେକଲା ନମିତା । ତା' ପାଇଁ ତ ଆଉ.... । ସଞ୍ଜବେଳେ ଗାଁ' ମୁଣ୍ଡର ବିଲ ଆଡ଼େ ବୁଲିଗଲା ନମିତା । ସେଠି ବିଲ ନାହିଁ କି ପାଳଭୂତ ନାହିଁ । ବିଲର ସବୁଜିମାକୁ ନଷ୍ଟ କରି ସେଠାରେ ଗଢ଼ିଚାଲିଛି ଏକ ବିରାଟ ଶିଳ୍ପ କାରଖାନା । ଗାଁର ଢ଼ଙ୍ଗ ହଜିଯାଉଛି ସହରିଆ ସଭ୍ୟତାର ହାଓ୍ୱାରେ । ଏକ ଭାରାକ୍ରାନ୍ତ ମସ୍ତିଷ୍କ ନେଇ ନମିତା ଫେରିଆସୁଥିଲା ଘରକୁ । କାଲି ସକାଳୁ ସେ ଚାଲିଯିବ ତା' ଶାଶୂ ଘରକୁ । ସଞ୍ଜ ନଇଁ ଆସି ଧୀରେ ଧୀରେ ରାତି ଆସିବାକୁ ବସିଲାଣି । ବରଗଛ ତଳେ ଠାକୁରାଣୀଙ୍କ ମନ୍ଦିରରେ ଶଙ୍ଖ, ଘଣ୍ଟାର ଶବ୍ଦ ସଞ୍ଜ ଆଳତିର ବେଳ । କୋଟି ପ୍ରଣାମ ଜଣାଇଲା ଠାକୁରାଣୀଙ୍କ ପାଦ ତଳେ । ବରଗଛ ଅଛି, ହେଲେ ସେ ଦିନ ହଜିଯାଇଛି ବିସ୍ମୃତିର ଗର୍ଭରେ । ପାଳଭୂତ ନାହିଁ କି ବିଲ ନାହିଁ, ସବୁକିଛି ତା' ପାଇଁ ଆଜି ହୋଇଯାଇଛି ଅଫେରା ଅତୀତ ।

ବରଗାଁ, ଆସ୍କା, ଗଞ୍ଜାମ

୦୦୦

Regd. No. : 23717/65

# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE

NILADRI VIHAR, NAYA BAZAR, CUTTACK-753004, ODISHA
E-mail : voiceforvoiceless2013@gmail.com
whatsapp : +91 88957 07011 / Website : www.pracheevoice.in

Follow us :

# ଆପଣଙ୍କର ମୁଠାଏ ଦାନା
# ଆମର ଗୋଟାଏ ପେଟ



**ପକ୍ଷୀମାନଙ୍କୁ ଦାନା ଦିଅନ୍ତୁ * FEED THE BIRDS**




ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ